# ସିସିଟିଭି ସ୍ଥାପନ ନିର୍ଦ୍ଦେଶକୁ ଅଣଦେଖା

**ବାଲି ଚୋରି ନିୟନ୍ତ୍ରଣ ଲକ୍ଷ୍ୟ ପରାହତ**

■ ଏନ୍‌ଜିଟି ରାୟକୁ ମାନିଲାନି ପ୍ରଶାସନ

ଯାଜପୁର,୨୪।୯(ହର୍ଷବର୍ଦ୍ଧନ ବେହେରା)

ବାଲି ଚୋରିକୁ ନିୟନ୍ତ୍ରଣ କରିବା ପାଇଁ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) ପକ୍ଷରୁ ୨୦୨୨ ଅଗଷ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରାଯାଇଛି। ଉକ୍ତ ରାୟରେ ବାଲି ଖାଦାନଗୁଡ଼ିକର ପ୍ରସ୍ଥାନ ଓ ପ୍ରବେଶ ପଥ ତଥା ବାଲି ଶଯ୍ୟା ନିକଟରେ ସିସିଟିଭି କ୍ୟାମେରା ବ୍ୟବହାର, ବାଲି ପରିବହନ ଗାଡ଼ିରେ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ(ଜିପିଏସ୍) ଲଗାଇବା ବାଧ୍ୟତାମୂଳକ ହୋଇଛି। ଏହାବାଦ ବାର୍ଷିକ ପରିବେଶ ଅଡିଟ୍ ପାଇଁ କ୍ଷେତ୍ର ବିଶେଷଜ୍ଞଙ୍କ ଦ୍ୱାରା ଫଳପ୍ରଦ ଯନ୍ତ୍ରକ୍ରିୟା(ଇଫେକ୍ଟିଭ ମେକାନିଜମ୍) ନିଶ୍ଚିତ କରିବାକୁ ପଡ଼ିବ ବୋଲି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ନିର୍ଦ୍ଦେଶକୁ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଯାଜପୁର ଜିଲାର ବାଲି ଖାଦାନଗୁଡ଼ିକରେ ସିସିଟିଭି କ'ଣ ଲାଗିବ ଓଲଟା କଳେବଳେ କୌଶଳେ ବେଆଇନ ଉତ୍ତୋଳନକାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ଭୁଲ ରିପୋର୍ଟ ପ୍ରସ୍ତୁତ ହେଉଛି। ବର୍ଷ ବର୍ଷ ଧରି ଉଚ୍ଚ କ୍ଷମତା ସମ୍ପନ୍ନ ମେଶିନ ଲଗାଇ ବାଲି ଲୁଟ୍ କରାଯାଉଥିଲେ ବି ତଦନ୍ତକାରୀ ଦଳ ହସ୍ତଚାଳିତ ଖାଦାନ ଚାଲିଛି ବୋଲି ଦର୍ଶାଇ ଏନଜିଟି ତଥା



ନଦୀରୁ ବାଲି ଚାଲାଣ ହେଉଛି।

କୋର୍ଟ କଚେରିରେ ବିଭିନ୍ନ ରିପୋର୍ଟ ଦାଖଲ କରୁଥିବା ଅଭିଯୋଗ ହେଉଛି। ବାଡ଼ ଯଦି ଫସଲ ଖାଇବ ତେବେ କାହାକୁ ଗୁହାରି କରାଯିବ ଭଳି ଅଭିଯୋଗକାରୀମାନେ ଅସହାୟ ପ୍ରକାଶ କରୁଛନ୍ତି।

ଯାଜପୁର ଜିଲାରେ ଅଧିକ ଲାଭ ଆଶାରେ ପ୍ରାୟ ସମସ୍ତ ଲିଜପ୍ରାପ୍ତ ବାଲି ଖାଦାନରେ ହସ୍ତଚାଳିତ ବଦଳରେ ଉଚ୍ଚ କ୍ଷମତା ସମ୍ପନ୍ନ ମେଶିନ ବ୍ୟବହାର କରାଯାଉଛି। ଫଳରେ ବାଲି ଉତ୍ସଗୁଡ଼ିକ କ୍ଷତିଗ୍ରସ୍ତ ହେବାକୁ ବସିଛି। ବିଜ୍ଞାନ ବିରୋଧ ବାଲି ଖାଦାନ ଏବଂ ବେଆଇନ ବାଲି ଉଠାଣ କେବଳ ରାଜ୍ୟର ରାଜସ୍ୱ କ୍ଷତି କରୁନାହିଁ ବରଂ ନଦୀର ପ୍ରାକୃତିକ ସମତୁଳନ ପ୍ରକ୍ରିୟାକୁ ବ୍ୟାହତ କରୁଛି। ଏହିକ୍ରମରେ ବାଲିଘାଟ ପରିଚାଳନା ଉପରେ ଏନ୍‌ଜିଟି ମାମଲା(୬୭/୨୦୨୧/ଇଜେଡ)ର ଶୁଣାଣି କରି ଜୁଡିସିଆଲ ମେମ୍ବର ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଏକ୍ସପାର୍ଟ ମେମ୍ବର ଶୈବାଳ ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାଦାନଗୁଡ଼ିକରେ ସିସିଟିଭି ଲଗାଇବାକୁ ଗୁରୁତ୍ୱାରୋପ କରିଥିଲେ। ହେଲେ ଏଯାଏ ଉକ୍ତ ସିସିଟିଭିର ଦେଖାମିଳିନି। ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ସାଲବା, ଧନତ୍ରୀ, ଗୋବିନ୍ଦପୁର ଆଦି ବାଲିଘାଟରେ ଦିନ ଦ୍ୱିପହରରେ ମେଶିନ ଲଗାଯାଇ ବାଲି ଉତ୍ତୋଳନ ହେଉଥିବା ଦେଖିବାକୁ ମିଳୁଛି। ଏହାସହ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଏକାଧିକ ଘାଟରେ ମଧ୍ୟ ଅନୁରୂପ ଭାବେ ବାଲି ଉତ୍ତୋଳନ ହେଉଥିଲେ ହେଁ ବିଭାଗୀୟ ଅଧିକାରୀ ମାସିକ ବଟି ନେଇ ନୀରବ ରହୁଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲାରେ ପରିବେଶ ଆଇନକୁ ଉଲ୍ଲଂଘନ କରି ହସ୍ତଚାଳିତ ବାଦ ମେଶିନରେ ବେଆଇନ ଭାବେ ଚାଲିଥିବା ସମସ୍ତ ବାଲିଘାଟକୁ ବନ୍ଦ କରିବାକୁ ଏନଜିଟି ୨୦୨୧ ଅଗଷ୍ଟରେ ନିର୍ଦ୍ଦେଶ ଦେଇଥିଲେ। ଏହାର ଅନୁପାଳନ କରିବାକୁ ପରିବେଶ ଓ ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟର ବୈଜ୍ଞାନିକ, ଯାଜପୁର ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ବୈଜ୍ଞାନିକ, ଷ୍ଟେଟ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ସିଆ)ର ବୈଜ୍ଞାନିକ ଏବଂ ଯାଜପୁର ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ(ଡିଡିଏମ୍)ଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇ ୧ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ ବ୍ରାହ୍ମଣୀ ନଦୀର ଉତ୍ତରପ୍ରତାପ ବାଲିଘାଟରେ ମେଶିନ ସହାୟତାରେ ବାଲି ଉତ୍ତୋଳନ ହେଉନାହିଁ ବୋଲି ବିଭାଗୀୟ ରିପୋର୍ଟ ଦାଖଲ ହୋଇଥିଲା। ଏହାକୁ ପୁଣି ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ୧୯।୧୨।୨୦୨୧ରେ ଜେସିବି ମେଶିନରେ ବାଲି ଉତ୍ତୋଳନ ହେଉଥିବା ଫଟୋ ସହ ସତ୍ୟପାଠ ରିପୋର୍ଟ ଦାଖଲ କରିଥିଲେ। ଏଥିରେ କମିଟି ମିଛ ରିପୋର୍ଟ କିମ୍ବା ନଦୀରେ ପାଣି ପ୍ରବାହିତ ସମୟରେ ତଦନ୍ତ କରି ଯେନତେନ ପ୍ରକାରେ ରିପୋର୍ଟ ଦାଖଲ କରିଛନ୍ତି ବୋଲି ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ପାଣି ଦର୍ଶାଇଥିଲେ। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍‌କୁ ରବିବାର ରାତି ୭ଟା ୩୮ ମିନିଟରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ସଂକ୍ଷେପରେ

### ହାଇଦ୍ରାବାଦରେ ଯୁବକଙ୍କ ମୃତ୍ୟୁ

ରାଜନଗର, ୨୪।୯ (ଭାସ୍କର ରାଉତରାୟ): ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଯଦୁଚନ୍ଦ୍ରପୁର ଉଆସିଛିଅ ଗାଁର ଶ୍ରୀକାନ୍ତ କୁମାର ପରିଡ଼ା(୩୮) ସୁଦୂର ହାଇଦ୍ରାବାଦରେ ପାଣି ପାଇପ ମିସ୍ତ୍ରି ଭାବେ କାମ କରୁଥିଲେ। ଶ୍ରୀକାନ୍ତ କାମ କରୁଥିବା ବେଳେ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ହାଇଦ୍ରାବାଦରୁ ଆମ୍ବୁଲାନ୍ସ ଯୋଗେ ଶ୍ରୀକାନ୍ତଙ୍କ ମୃତଦେହ ନିଜ ଗାଁରେ ଆସି ପହଞ୍ଚିଛି। ସେଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶ୍ରୀକାନ୍ତ ଦୀର୍ଘଦିନ ହେବ ବାହାର ରାଜ୍ୟରେ ଦାଦନ ଖଟି ପରିବାର ପ୍ରତିପୋଷଣ କରୁଥିଲେ। ଘରେ ତାଙ୍କର ପତ୍ନୀଙ୍କ ସମେତ ୭ବର୍ଷ, ୫ ବର୍ଷ ଓ ୩ ବର୍ଷର ଝିଅ ଅଛନ୍ତି। ଶ୍ରୀକାନ୍ତଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ନଦୀରେ ବୁଡ଼ି ବୃଦ୍ଧା ମୃତ

ତେଲକୋଇ,୨୪।୯(ରଞ୍ଜିତ ବିଶ୍ୱାଳ):

କେନ୍ଦୁଝର ଜିଲା ତେଲକୋଇ ଥାନା ଶିବ ନାରାୟଣପୁର ଗୋଡ଼ା ପଞ୍ଚାୟତ କମଳାଙ୍ଗ ଗ୍ରାମର ସମାକୋଇ ନଦୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାବିତ୍ରୀ ମୁଣ୍ଡା(୬୦)। ସେ କିଛିଦିନ ତଳେ ଛାମୁଣ୍ଡା ପଞ୍ଚାୟତ ଶିରିଆ ବାହାଳ ଗ୍ରାମ ଝିଅ ଘରକୁ ଏକ ଶୁଦ୍ଧିକ୍ରିୟା ପାଇଁ ଯାଇଥିଲେ। ଶନିବାର ଘରକୁ ଫେରୁଥିଲେ। ରାମଚନ୍ଦ୍ରପୁରଠାରେ ସମାକୋଇ ନଦୀ ପାର ହୋଇ ଯିବା ବେଳେ ଗଭୀର ଜଳରେ ବୁଡ଼ିଯାଇଥିଲେ। ରବିବାର ସକାଳୁ ଏକ ମୃତଦେହ ନଦୀରେ ଭାସିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ଏବଂ ତେଲକୋଇ ପୋଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ମୃତଦେହ ଜବତ କରିବା ପରେ ବୃଦ୍ଧାଙ୍କ ପରିଚୟ ମିଳିଥିଲା। ପୋଲିସ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଆରମ୍ଭ କରିଛି।

### ଛେଳି ଚରାଇବା ବେଳେ ବଜ୍ରପାତରେ ଜୀବନ ଗଲା

ବୈଶିଙ୍ଗା/ବେତନଟୀ,୨୪।୯ (ରତନ ଦାଶ/ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ୍ ବୈଶିଙ୍ଗା ଥାନା ଅଧୀନ ନାଖରା ଗ୍ରାମରେ ରବିବାର ଅପରାହ୍ନରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ସୁଦର୍ଶନ ପାଲ(୪୮)। ଗାଁ ମୁଣ୍ଡରେ ଛେଳି ଚରାଉଥିବା ବେଳେ ଅପରାହ୍ନ ୩ଟା ବେଳେ ବଜ୍ରପାତ ହୋଇଥିଲା। ଛେଳିଗୁଡ଼ିକ ଘରକୁ ପଳାଇ ଆସିଥିବା ବେଳେ ଦୀର୍ଘ ସମୟ ଧରି ସୁଦର୍ଶନ ନ ଆସିବାରୁ ତାଙ୍କ ସାନପୁଅ ସନ୍ଧ୍ୟାରେ ଖୋଜିବାକୁ ଯାଇ ବାପା ପଡ଼ିଆରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଷ୍ଟ୍ର ନିର୍ମାଣ ପୁରସ୍କାର ପ୍ରଦାନ ଉତ୍ସବ



ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ଧର୍ମଶାଳା,୨୪।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଜାରକା ରୋଟାରି ଓ ଇନରହୁଇଲ୍ କ୍ଲବ୍ ପକ୍ଷରୁ ରାଷ୍ଟ୍ର ନିର୍ମାଣ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ରୋଟାରି କ୍ଲବ୍ ସଭାପତି ଇଂ. ବିପିନ କିଶୋର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରୋଟାରି ଏଜି ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ରଶ୍ମିରଞ୍ଜନ ସାମଲ, ଚକ୍ରଧର ସାହୁ, ଅମ୍ବୁଜ କୁମାର ଦାସ, ଅଜୟ କୁମାର ସାମଲ, ସନ୍ତୋଷ କୁମାର ମହାନ୍ତି, କୈଳାସ ଚନ୍ଦ୍ର ରାଉତ, ଶମ୍ଭୁନାଥ ଦାସ, ସଏଦ ଆମ୍ରିନ କ୍ୱାଦ୍ରି, ଶାନ୍ତନୁ କୁମାର ମହାପାତ୍ର, ସ୍ୱପ୍ନାଶ୍ରୀ ତ୍ରିପାଠୀ, ସ୍ୱାତୀ ସୁଚିତ୍ରା ପତି ଓ ମୋନାଲିସା ବେହୁରା ପ୍ରମୁଖ ୧୨ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅତିଥି ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ରୋଟାରିଆନ ଜୟନ୍ତ କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ହରିହର ପଣ୍ଡା ସୂଚନା ପ୍ରଦାନ କରିଥିଲେ। ଅମୂଲ୍ୟ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇନରହୁଇଲ କ୍ଲବ୍ ସଭାନେତ୍ରୀ ଶୁଭଲକ୍ଷ୍ମୀ କର ଓ ସମ୍ପାଦିକା ବିଶ୍ୱମିତ୍ରା ସାହୁ ଉପସ୍ଥିତ ଥିଲେ। ରୋଟାରି ସମ୍ପାଦକ ଜୟଗୁରୁ ପାତ୍ର ଧନ୍ୟବାଦ ଦେଇଥିଲେ।

# ସରପଞ୍ଚ ସଂଘ କର୍ମକର୍ତ୍ତା ନିର୍ବାଚିତ



ନିର୍ବାଚିତ ହୋଇଥିବା ସରପଞ୍ଚ ସଂଘର କର୍ମକର୍ତ୍ତାମାନେ।

ପାଣିକୋଇଲି,୨୪।୯(ବିକାଶ ମଲ୍ଲିକ):

କୋରେଇ ବ୍ଲକ୍ ସରପଞ୍ଚ ସଂଘର ଏକ ବୈଠକ ରବିବାର ପାଣିକୋଇଲି ମା'ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ସର୍ବସମ୍ମତିକ୍ରମେ ସଂଘ ସଭାପତି ଭାବେ ସନ୍ତୋଷ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର କୁମାର ବେହେରା, ଉପସଭାପତି ତପନ କୁମାର ମାଝି, ସସ୍ମିତା ମାଝି, ଶ୍ୟାମ ସୁନ୍ଦର ମାଝି, ଗୀତାଞ୍ଜଳି ସେଠୀ, ଜୟନ୍ତୀ ରାଉତ, ସାଧାରଣ ସମ୍ପାଦକ ଭାବେ ମଧୁସ୍ମିତା ବାରିକ, ସହସମ୍ପାଦକ ଭାବେ ମମତା ମଞ୍ଜରୀ ସ୍ୱାଇଁ, ମାମୁନି ମହାନ୍ତି, ରଞ୍ଜନ କୁମାର ଦାଶ ଓ କୋଷାଧ୍ୟକ୍ଷଭାବେ ସତ୍ୟାନନ୍ଦ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ରାଜେନ୍ଦ୍ର କୁମାର ରାଉତରାୟ, ଲିପ୍‌ସା ପରିଡ଼ା, ଅନିଲ କୁମାର ମହାପାତ୍ର, ସଂଯୁକ୍ତା ସାହୁ, ନିରୁପମା ମଲ୍ଲିକ, ସୁକାନ୍ତି ସାହୁ, ମଧୁ ଛନ୍ଦା ମହାନ୍ତି ଓ ମୁଖପାତ୍ର ଭାବେ ବିଷ୍ଣୁ ଚରଣ ରଥଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ସରପଞ୍ଚମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ଅସୁବିଧା ସମ୍ପର୍କରେ ସଂଘରେ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

# ୫ ଦିନ ବ୍ୟାପୀ ମହାବିଷ୍ଣୁ ଯଜ୍ଞ

ରଘୁନାଥପୁର,୨୪।୯(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଚନ୍ଦନ ପୁଷ୍କରିଣୀ ତଟସ୍ଥିତ ଅନନ୍ତବାସୁଦେବ ମନ୍ଦିର ପ୍ରାଙ୍ଗଣରେ ଅଚ୍ୟୁତ ସେବାଶ୍ରମ ପକ୍ଷରୁ ୫ ଦିନ ବ୍ୟାପୀ ୨୬ ତମ ମହାବିଷ୍ଣୁ ଯଜ୍ଞ ଓ ଭାଗବତ ଜନ୍ମ ଉତ୍ସବ ଆରମ୍ଭ ହୋଇଛି। ବାବାଜୀ ବଂଶୀଧର ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଆଖପାଖ ଅଞ୍ଚଳବାସୀଙ୍କ ସହଯୋଗରେ ଏହି କାର୍ଯ୍ୟ ପରିଚାଳିତ ହେଉଛି। ଶ୍ରୀକ୍ଷେତ୍ର ଧାମରୁ ଆଜ୍ଞାମାଳ ଆସିବା ପରେ ସୁଭାଧିବାସ କରାଯାଇ ବୈଷ୍ଣବାଗ୍ନି ସ୍ଥାପନ ହୋଇ ଯଜ୍ଞାଦି କାର୍ଯ୍ୟ ଜାରି ରହିବ। ଆସନ୍ତା ପୂର୍ଣ୍ଣିମାରେ ପୂର୍ଣ୍ଣାହୁତି ଓ ହରିହାଟ ଅନୁଷ୍ଠିତ ହେବ। ସନାତନ ମଣ୍ଡଳ ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏନେଇ ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ସୂଚନା ମିଳିଛି।

# ଯାଜପୁର ସଂସ୍କୃତି, ବିକାଶ ପରିଷଦ ବୈଠକ



ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ବୈଠକରେ ଉପସ୍ଥିତ ସଭ୍ୟମାନେ।

ଧର୍ମଶାଳା,୨୪।୯(ବଟକୃଷ୍ଣ ପରିଡ଼ା):

ଭୁବନେଶ୍ୱର ଏବଂ ଯାଜପୁର ସଂସ୍କୃତି ଓ ବିକାଶ ପରିଷଦର ଏକ ମିଳିତ ବୈଠକ ରବିବାର ଧର୍ମଶାଳା ପ୍ରେସ୍ କ୍ଲବ ପରିସରରେ ଅନୁଷ୍ଠାନ ସଭାପତି ନଟବର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ନୀଳମଣି କର ଯୋଗଦେଇ ଯାଜପୁର ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ଆରଡିସି ମହେନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ ପ୍ରଶାସକ କବି ପ୍ରଦୀପ ବିଶ୍ୱାଳ, ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ, ସାହିତ୍ୟିକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ପ୍ରାବନ୍ଧିକ ଡ. ରବୀନ୍ଦ୍ର ବିହାରୀ, ଡ. ଗୌତମ ଜେନା, ଖବରଦାତା ବଟକୃଷ୍ଣ ପରିଡ଼ା, ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ସୂର୍ଯ୍ୟାସ୍ତ ସମ୍ପାଦକ ବିବେକାନନ୍ଦ ରାୟ ଯୋଗଦେଇ ଯାଜପୁର ଇତିହାସ ଲେଖିବାକୁ ବିଭିନ୍ନ ଲେଖକଙ୍କୁ ଅନୁରୋଧ କରାଯିବା ନେଇ ପ୍ରସ୍ତାବ ରଖିଥିଲେ। ଆଗାମୀ ବୈଠକ ଯାଜପୁର ସଦର ମହକୁମାରେ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଥିଲା। ଆବାହକ ତଥା ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ସ୍ୱାଗତ ଭାଷଣ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ।

## ବୁଢ଼ୀ ଜାଗୁଳେଇ ପୀଠ ଉନ୍ନତୀକରଣର ଶିଳାନ୍ୟାସ

ରସୁଲପୁର,୨୪।୯(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ୍ ଅଧୀନ ଗନ୍ଧଣ ପଞ୍ଚାୟତର ବୈଷ୍ଣବସାହିସ୍ଥିତ ବୁଢ଼ୀ ଜାଗୁଳେଇ ପୀଠର ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଶ୍ରୀଧର ବିଶ୍ୱାଳ, ସରପଞ୍ଚ ରୁଦ୍ରନାରାୟଣ ମହାନ୍ତି, ସମିତିସଭ୍ୟ ଅଜୟ କୁମାର ପଣ୍ଡା, ପୂର୍ବତନ ସମିତିସଭ୍ୟ ଅନନ୍ତ ଚରଣ ପୁହାଣ, ବଡ଼ କଇଞ୍ଚ ସରପଞ୍ଚ ଅଶୋକ କୁମାର ମଲ୍ଲିକ ଓ ସମିତିସଭ୍ୟ ସୌମ୍ୟରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତର ଯୁବ ସଂଗଠକ ପ୍ରଶାନ୍ତ କୁମାର ସାମଲ, କଳ୍ପତରୁ ରାଉତ, ସୁବାସ ଚନ୍ଦ୍ର ଦାସ, ଦୁର୍ଯ୍ୟୋଧନ ଦାସ, ବୃନ୍ଦାବନ ରାଉତ, ଅଶ୍ୱିନୀ ଦାସ, ସାଗର ପ୍ରସାଦ ଦାସ, ନୀଳମଣି ଦାସ ଓ ଜୟପ୍ରକାଶ ଖୁଣ୍ଟିଆ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ମା'ଙ୍କପୀଠରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ଟ୍ରକ୍ ଧକ୍କାରେ ନାବାଳକ ଗୁରୁତର

ବାଲିକୁଦା,୨୪।୯(ତାପସ ସ୍ୱାଇଁ):

ବାଲିକୁଦା ଥାନା ବ୍ରାହ୍ମଣ୍ଡି ଗ୍ରାମରେ ଏକ ୧୪ ଚକିଆ ଟ୍ରକ ଦୁର୍ଘଟଣାରେ ଆଶୁତୋଷ ସ୍ୱାଇଁ(୧୨) ଗୁରୁତର ହୋଇଛନ୍ତି। ତାଙ୍କ ହାତର ହାଡ଼ ଭାଙ୍ଗି ୨ ଖଣ୍ଡ ହୋଇଯାଇଛି। ସୂଚନାଯୋଗ୍ୟ, ଆନ୍ଧ୍ରରୁ ଏକ ୧୪ ଚକିଆ ଟ୍ରକ କୁସୁପୁର ପଞ୍ଚାୟତ ତେନ୍ତୁଳିବେଲାରି ବଜାରକୁ ଚିଙ୍ଗୁଡ଼ି ଦାନା ନେଇ ଆସୁଥିଲା। ଏହି ସମୟରେ ଆଶୁତୋଷ ସଉଦା ନେଇ ଫେରୁଥିଲା ବେଳେ ଟ୍ରକ ଧକ୍କାରେ ଗୁରୁତର ହୋଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ପରିବାରକୁ ଜଣାଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଆଶୁତୋଷଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଟ୍ରକକୁ ଅଟକ ରଖାଯାଇଥିବାବେଳେ ବାଲିକୁଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।ଏନେଇ ଆଶୁତୋଷଙ୍କ ପରିବାର ପକ୍ଷରୁ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି ସୂଚନା ମିଳିଛି।



ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ

ଧର୍ମଶାଳା,୨୪।୯(ବଟକୃଷ୍ଣ ପରିଡ଼ା):

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଯାଜପୁର ଜିଲା ଶାଖା ପକ୍ଷରୁ ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପଠାରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପ୍ରଫେସର ଡ. ବିଜୟ କୁମାର ଶତପଥୀ ଯୋଗଦେଇ ଅତିବଡ଼ୀ ଜଗନ୍ନାଥ ଦାସଙ୍କଦ୍ୱାରା ରଚିତ ଶ୍ରୀମଦ୍ ଭାଗବତ ମହାପୁରାଣ ଓଡ଼ିଆ ଜାତିର ଜୀବନବେଦ, ପଞ୍ଚଦଶ ଶତାବ୍ଦୀରୁ ଏହା ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ଓ ଜନଜୀବନକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧ୍ୟାପକ ଡ. ରବୀନ୍ଦ୍ର ବିହାରୀ ଯୋଗଦେଇ ଓଡ଼ିଆମାନେ ଶ୍ରୀମଦ୍ ଭାଗବତ ମହାପୁରାଣକୁ ଗାଦିଗୋସାଇଁର ସମ୍ମାନ ଦେଇ ପୂଜା କରି ଆସୁଛନ୍ତି। ତେଣୁ ଭାଗବତ ଟୁଙ୍ଗୀର ପୁନଃ ପ୍ରତିଷ୍ଠା ହେଲେ ଓଡ଼ିଆ ଜାତିର ଅସ୍ମିତା ବିକଶିତ ହେବ ବୋଲି କହିଥିଲେ। ବିଶିଷ୍ଟ ଆଲୋଚକ ଭାବେ ସାହିତ୍ୟ ପରିଷଦର ପ୍ରାନ୍ତ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚକ ଭାବେ ଧର୍ମଶାଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଭିନ୍ନ ଚନ୍ଦ୍ର ଦାଶ, ଡ. ରାଜକିଶୋର ପାଢ଼ୀ ଯୋଗଦେଇଥିଲେ। ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲାବେଳେ ଡ. ଦିଲୀପ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# କେଲୁଅ ନଦୀବନ୍ଧ ରାସ୍ତା ଶୋଚନୀୟ

■ ଉଠିଗଲାଣି ପିଚୁ, ବିଭିନ୍ନ ସ୍ଥାନରେ ଖାଲଖମା

■ ତୁରନ୍ତ ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି

କାଏମା,୨୪।୯(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅଧୀନ ଉତ୍ତରପ୍ରତାପ ପଞ୍ଚାୟତର ଅଲଣି ସାହୁ ଗାଁ ନିକଟରୁ ଚାନ୍ଦମୋହିନୀ ଗ୍ରାମ ପର୍ଯ୍ୟନ୍ତ କେଲୁଅ ନଦୀବନ୍ଧ ରାସ୍ତା ଶୋଚନୀୟ ହେବାକୁ ଲାଗିଲାଣି। ଏବେ ବର୍ଷା ଦିନ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ରାସ୍ତାର ଅନେକ ସ୍ଥାନରୁ ପିଚୁ ଉଠିଯାଇଥିବାରୁ ଯାତାୟାତ ପ୍ରଭାବିତ ହେଉଛି। ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଲେଖାଏ ପାଣି ଜମି ରହୁଛି। ସେହିପରି ରାସ୍ତାକୁ ଗଛଲତା ଓ ଘାସ ମାଡ଼ିଗଲାଣି। ବହୁ ବର୍ଷ ପୂର୍ବେ ଏହି ନଦୀବନ୍ଧ ରାସ୍ତା ସୁଦୃଢ଼ୀକରଣ କରାଯାଇଥିଲା। ହେଲେ କାମ ସରିବାର କିଛିମାସ ପରେ ରାସ୍ତାରେ ଯାତାୟାତରେ ଅସୁବିଧା ଦେଖିବାକୁ ମିଳିଥିଲା। ଏହି ରାସ୍ତା ଦେଇ ପ୍ରତିଦିନ ଚଇନୁହୁଡ଼ା, ମାଝି



ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି।

ପାଟଣା, ଅଲଣି ସାହୁ, ସ୍ୱାଇଁ ସାହି, ରାକ୍ଷୀ ପାଟଣା, ଉତ୍ତରପ୍ରତାପ ଓ ନରସିଂହପୁର ଆଦି ଗ୍ରାମବାସୀ ଯାତାୟାତ କରନ୍ତି। ଗଛଲତା ମାଡ଼ି ଯାଇଥିବାରୁ ରାସ୍ତା ସଙ୍କୁଚିତ ହୋଇଯାଇଛି। ଏଥିରେ ପୁଣି ସାପ ଭୟ। ରାତି ସମୟରେ ରାସ୍ତାରେ ଯାତାୟାତ କରିବାକୁ ଲୋକେ ଭୟ କରୁଛନ୍ତି। ଅଣଓସାରିଆ ରାସ୍ତାରେ ଯିବାଦ୍ୱାରା ଅନେକ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାଦେଇ ଛୋଟଛୋଟ ପିଲା ସ୍କୁଲକୁ ଅପରିଷ୍କାର ପାଣିରେ ପଶି ଯାଉଛନ୍ତି। ଫଳରେ ସେମାନେ ବିଭିନ୍ନ ପ୍ରକାର ଚର୍ମରୋଗ ଓ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। ଏହି ପଞ୍ଚାୟତଟି ୧୫ ନମ୍ବର ଜୋନ ଅଧୀନରେ ଯାଉଛି। କିଛି ଦିନ ତଳେ ଏଠାରେ ଜିଲା ପରିଷଦ ଉପନିର୍ବାଚନ ହୋଇଥିଲା। ସେ ସମୟରେ ରାସ୍ତାର କିଛି ସ୍ଥାନରେ ଡଷ୍ଟ ଗୁଣ୍ଡ ପକାଯାଇଥିଲା। ତାହା ଏବେ ଆଉ ଦେଖିବାକୁ ମିଳୁନାହିଁ। ରାସ୍ତା ମରାମତି ପାଇଁ ବ୍ଲକ୍ ପ୍ରଶାସନ କିମ୍ବା ରାଜନେତା ଇଚ୍ଛା ପ୍ରକାଶ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଜିଲାପାଳ ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ସେପ୍ଟେମ୍ବର, ୨୦୨୩



## ୫ ଦିନ ବ୍ୟାପୀ ମହାବିଷ୍ଣୁ ଯଜ୍ଞ

ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ) : ରଘୁନାଥପୁର ଚନ୍ଦନ ପୁଷ୍କରିଣୀ ତଟସ୍ଥିତ ଅନନ୍ତ ବାସୁଦେବ ମନ୍ଦିର ପ୍ରାଙ୍ଗଣରେ ଅଚ୍ୟୁତ ସେବାଶ୍ରମ ପକ୍ଷରୁ ୫ ଦିନ ବ୍ୟାପୀ ୨୬ତମ ମହାବିଷ୍ଣୁ ଯଜ୍ଞ ଓ ଭାଗବତ ଜନ୍ମ ଉତ୍ସବ ଆରମ୍ଭ ହୋଇଛି। ବାବାଜୀ ବଂଶୀଧର ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଆଖପାଖ ଅଞ୍ଚଳବାସୀଙ୍କ ସହଯୋଗରେ ଏହି କାର୍ଯ୍ୟ ପରିଚାଳିତ ହେଉଛି। ଶ୍ରୀକ୍ଷେତ୍ର ଧାମରୁ ଆଜ୍ଞାମାଳ ଆସିବା ପରେ ଶୁଭାଧିବାସ କରାଯାଇ ବୈଷ୍ଣବାଗ୍ନି ସ୍ଥାପନ ହୋଇ ଯଜ୍ଞାଦି କାର୍ଯ୍ୟ ଜାରି ରହିବ। ଆସନ୍ତା ପୂର୍ଣ୍ଣିମାରେ ପୂର୍ଣ୍ଣାହୁତି ଓ ହରିହାଟ ଅନୁଷ୍ଠିତ ହେବ। ସନାତନ ମଣ୍ଡଳ ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏନେଇ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ସୂଚନା ମିଳିଛି।

**ସଂକ୍ଷେପରେ**

## ହାଇଦ୍ରାବାଦରେ ଯୁବକଙ୍କ ମୃତ୍ୟୁ

**ରାଜନଗର, ୨୪।୯ (ଭାସ୍କର ରାଉତରାୟ):** ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଯଦୁଚନ୍ଦ୍ରପୁର ଉଆସିଡିଅ ଗାଁର ଶ୍ରୀକାନ୍ତ କୁମାର ପରିଡା(୩୮) ସୁଦୂର ହାଇଦ୍ରାବାଦରେ ପାଣି ପାଇପ ମିସ୍ତ୍ରି ଭାବେ କାମ କରୁଥିଲେ। ଶ୍ରୀକାନ୍ତ କାମ କରୁଥିବା ବେଳେ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ହାଇଦ୍ରାବାଦରୁ ଆମ୍ବୁଲାନ୍ସ ଯୋଗେ ଶ୍ରୀକାନ୍ତଙ୍କ ମୃତଦେହ ନିଜ ଗାଁରେ ଆସି ପହଞ୍ଚିଛି। ସେଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶ୍ରୀକାନ୍ତ ଦୀର୍ଘଦିନ ହେବ ବାହାର ରାଜ୍ୟରେ ଦାଦନ ଖଟି ପରିବାର ପ୍ରତିପୋଷଣ କରୁଥିଲେ। ଘରେ ତାଙ୍କର ପତ୍ନୀଙ୍କ ସମେତ ୭ବର୍ଷ, ୫ ବର୍ଷ ଓ ୩ ବର୍ଷର ଝିଅ ଅଛନ୍ତି। ଶ୍ରୀକାନ୍ତଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୨୬ରେ ଶିକ୍ଷକ ସଂଘର ଆମରଣ ଅନଶନ

**ରାଜକନିକା,୨୪।୯(ସଞ୍ଜୟ କୁମାର ଦାଶ):** ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘର ନେତୃମଣ୍ଡଳୀଙ୍କ ନିଷ୍ପତ୍ତିକ୍ରମେ ଶିକ୍ଷକ ନେତା ପ୍ରଶାନ୍ତ ମହାପାତ୍ରଙ୍କ ଆହ୍ୱାନରେ ଆସନ୍ତା ୨୬ ତାରିଖରେ ଓଡ଼ିଶା ବିଧାନସଭା ସମ୍ମୁଖରେ ସଂଘର କର୍ମକର୍ତ୍ତାଙ୍କ ପକ୍ଷରୁ ଅହୋରାତ୍ର ଆମରଣ ଅନଶନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ରାଜକନିକା ବ୍ଲକର ଆରସା ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସୁକୁମାର ସତ୍ୟବ୍ରତ ବାରିକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲା ବ୍ଲକଗ୍ରାଣ୍ଟ ସଂଘର ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୬ତାରିଖରେ ବିଧାନସଭା ସମ୍ମୁଖରେ ହେବାକୁ ଥିବା ଆମରଣ ଅନଶନ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ବ୍ଲକଗ୍ରାଣ୍ଟ ଶିକ୍ଷକ ସଂଘର ସମ୍ପାଦକ ଭାଗ୍ୟଧର ପତି ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କର ଅବସରକାଳୀନ ସମୟରେ ସେମାନଙ୍କ ଜୀବନ ଦୁର୍ବିଷହ ଅବସ୍ଥା ହେଉଛି। ବିନା ପେନ୍‌ସନ ଓ ଚାକିରି ସର୍ତ୍ତାବଳୀରେ ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନଙ୍କ ଜୀବନରେ କଷ୍ଟଦାୟକ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ନମତରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ନାୟକ, ଶିକ୍ଷକ ନିରୋଦ ରାଉତ ନିଜ ଅଭିଭାଷଣରେ ଆମ୍ଭେମାନେ ଅତୀତରେ ପ୍ରଶାନ୍ତ ମହାପାତ୍ରଙ୍କ ସହ ଥିଲୁ ଏବେ ମଧ ଅଛୁ। ପେନସନ ଓ ଚାକିରି ସର୍ତ୍ତାବଳୀ ପାଇଁ ବିଧାନସଭା ସମ୍ମୁଖରେ ହେବାକୁ ଥିବା ଅନଶନକୁ ସଫଳ କରିବା ପାଇଁ ରାଜକନିକା ଓ ଆଳି ଦୁଇ ବ୍ଲକରୁ ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନେ ବହୁସଂଖ୍ୟାରେ ଯୋଗଦେବାକୁ ସେ ଅନୁରୋଧ କରିଥିଲେ। ବୈଠକରେ ରାଜକନିକା ଓ ଆଳି ଅଞ୍ଚଳର ବହୁ ଶିକ୍ଷୟିତ୍ରୀଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ କୁବେର କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଶ୍ରମିକ ବଦଳରେ ମେଶିନ କାମ ସତ୍ତ୍ୱେ ସରୁନି ପ୍ରକଳ୍ପ

**କେନ୍ଦ୍ରାପଡ଼ା, ୨୪।୯ (ଜଗନ୍ନାଥ ଧଳ)**

**କେନ୍ଦ୍ରାପଡ଼ାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍**
- ୨୦୨୨-୨୩ରେ ୧୨.୯୬ ଓ ଚଳିତବର୍ଷ ୧.୭୩% ସଫଳତା
- ୨,୦୧,୦୨୯ରୁ ମାତ୍ର ୩୦୮ ପରିବାରକୁ ୧୦୦ ଦିନର କାମ

କେନ୍ଦ୍ରାପଡ଼ା ଜିଲାରେ କର୍ମନିଯୁକ୍ତି ଏକ ସମସ୍ୟା। ଶିଳ୍ପ ପ୍ରତିଷ୍ଠାନ ଅଥବା କୃଷିଭିତ୍ତିକ ଶିଳ୍ପ ନାହିଁ। ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ଭିତ୍ତିଭୂମି ନ ଥିବାରୁ ଶ୍ରମ ପାଇଁ ଆଗ୍ରହୀ ଯୁବବର୍ଗ କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯାଉଛନ୍ତି। ଅପରପକ୍ଷରେ ନିଜ ଅଞ୍ଚଳରେ ଶ୍ରମ ସୁଯୋଗ ସୃଷ୍ଟି ପାଇଁ କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଏହି ଜିଲାରେ ଏକପ୍ରକାର ସ୍ଥାଣୁ ପାଲଟିଥିବା ଦେଖାଦେଇଛି। ବିଗତ ୩ବର୍ଷର ଅନୁମୋଦିତ ପ୍ରକଳ୍ପ ଓ ଏହାର କାର୍ଯ୍ୟ ସମ୍ପାଦନ ଶୈଳୀର ତଥ୍ୟ ଏହାକୁ ସ୍ପଷ୍ଟ କରିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ୭୯,୭୫୨ଟି ପ୍ରକଳ୍ପର କାର୍ଯ୍ୟକାରୀ ପାଇଁ ନିଆଯାଇଥିଲା। କରୋନା ସଂକ୍ରମଣ କଟକଣା ସତ୍ତ୍ୱେ ଏହି ଆର୍ଥିକ ବର୍ଷରେ ୭୭,୫୦୧ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ରେକର୍ଡ ପରିମାଣ ୯୭.୧୮ ପ୍ରତିଶତ ସଫଳତା ମିଳିଥିଲା। ତେବେ ଏହା ପରଠାରୁ ପ୍ରକଳ୍ପ କାର୍ଯ୍ୟକାରିତାରେ ଜିଲା ପ୍ରଶାସନର ସ୍ଥାଣୁତା ଦେଖାଦେଇଛି। ୨୦୨୧- ୨୨ ଆର୍ଥିକ ବର୍ଷରେ ୧୩,୪୭୧ଟି ପ୍ରକଳ୍ପ ମଧ୍ୟରୁ ୩୨.୬୩ ପ୍ରତିଶତ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ୭,୮୭୧ଟି ପ୍ରକଳ୍ପ ମଧ୍ୟରୁ ମାତ୍ର ୧୨.୯୬ ପ୍ରତିଶତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହୋଇଛି। ଅଦ୍ୟାବଧି ଏହି ଆର୍ଥିକ ବର୍ଷର ୬,୮୫୧ ପ୍ରକଳ୍ପ ନିର୍ମାଣାଧୀନ ଅଛି। ସେହିପରି ଚଳିତ ୨୦୨୩- ୨୪ ଆର୍ଥିକ ବର୍ଷ ଆରମ୍ଭକୁ ଇତିମଧ୍ୟରେ ୬ ମାସ ଶେଷ ହେବାକୁ ବସିଛି। ତେବେ ଏହି ଆର୍ଥିକ ବର୍ଷ ପାଇଁ ୭୦୦୯ ପ୍ରକଳ୍ପ ଯୋଜନା ଅଧୀନରେ କାର୍ଯ୍ୟ ହେବାକୁ ଥିବା ବେଳେ ମାତ୍ର ୧.୭୩ ପ୍ରତିଶତ ଅର୍ଥାତ୍ ୧୨୧ଟି ପ୍ରକଳ୍ପ କାର୍ଯ୍ୟର ନିର୍ମାଣ ସରିଛି। ଚଳିତ ଆର୍ଥିକ ବର୍ଷର ଆରମ୍ଭରେ ଆଳି ବ୍ଲକ ଅଞ୍ଚଳର ୭୦୫ଟି, ଡେରାବିଶର ୬୭୨, ଗରଦପୁରର ୪୫୧, କେନ୍ଦ୍ରାପଡ଼ାର ୭୧୦, ମହାକାଳପଡ଼ାର ୭୭୪, ମାର୍ଶାଘାଇର ୫୫୬, ପଟ୍ଟାମୁଣ୍ଡାଇର ୧୩୧୪, ରାଜକନିକାର ୮୯୮ ଓ ରାଜନଗର ବ୍ଲକର ୯୨୯ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ମଞ୍ଜୁରି ମିଳିଥିଲା। ଏହି ସମୟ ଅବଧି ମଧ୍ୟରେ ଜିଲାର ଗରଦପୁର, ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ ଅଞ୍ଚଳରେ ଗୋଟିଏ ହେଲେ ପ୍ରକଳ୍ପ କାର୍ଯ୍ୟ ସରିନାହିଁ। ସେହିପରି ଆଳି ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦୁଇ ଅଙ୍କରେ ପହଞ୍ଚି ନାହିଁ। ସେହିପରି ଜିଲାର ୨,୦୧,୦୨୯ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲେ ମଧ ମାତ୍ର ୩୦୮ ଜଣଙ୍କୁ ଅଦ୍ୟାବଧି ୧୦୦ ଦିନର କାମ ଯୋଗାଇ ଦିଆଯାଇଛି।

ଏ ସମ୍ପର୍କରେ ଭରତପୁରର ଚିତ୍ତରଞ୍ଜନ ଦାସ, ଦେପୁରର ଜଗଦୀଶ ପତି, ଇନ୍ଦୁପୁରର ଦେବାଶିଷ ସାମଲ, ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ କହିଛନ୍ତି, କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଜିଲାରେ କର୍ମନିଯୁକ୍ତି ଏକ ସମସ୍ୟା। ଏଠାରେ ଶିଳ୍ପ ଅଥବା ଖଣି ନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ସଦାସର୍ବଦା ଲାଗି ରହିଛି। ଏ କ୍ଷେତ୍ରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ହୋଇଥିବା କେନ୍ଦ୍ରୀୟ ସରକାରୀ ଯୋଜନା ଶ୍ରମ ବଦଳରେ ଅର୍ଥକୁ ସୁଗମ ହେବା କଥା। ମାତ୍ର ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସକଙ୍କ ଅବହେଳା ଜିଲାରେ ଦାଦନ ଶ୍ରମିକ ହେବା ପାଇଁ ଯୁବ ଶ୍ରମିକଙ୍କୁ ବାଧ କରୁଛି। ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ମଧ ବହୁ ଅସାମଞ୍ଜସ୍ୟ ରହିଛି। ଯୋଜନାର ସଫଳତା ପାଇଁ ଶ୍ରମିକଙ୍କ ମଜୁରି ବଢ଼ାଇବା ଆବଶ୍ୟକ। ସେହିପରି ଯୋଜନାରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାର୍ଯ୍ୟ ହେଉଛି। ଏହାବ୍ୟତୀତ ଏହି ଯୋଜନାରେ ମାଟି ରାସ୍ତା ନିର୍ମାଣ ଓ ପୋଖରୀ ଖୋଳା କାର୍ଯ୍ୟ ରହିଛି। ସାମ୍ପ୍ରତିକ ସମୟରେ ମାଟି ରାସ୍ତା ଅଦରକାରୀ ହୋଇଥିବା ବେଳେ ପୋଖରୀ ଖନନରେ ମେଶିନର ବ୍ୟବହାର ସହଜ ହୋଇଛି। ସେହିପରି ଯୋଜନାରେ କାର୍ଯ୍ୟ ସାରିବା ପରେ ମଜୁରିକୁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡୁଥିବାରୁ ଶ୍ରମିକଙ୍କ ଆଗ୍ରହ କମୁଛି ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ଏବେ ବର୍ଷା ଲାଗି ରହିଥିବାରୁ ଯୋଜନା କାର୍ଯ୍ୟକାରୀରେ ବିଳମ୍ବ ହୋଇଛି। ଏହାସତ୍ତ୍ୱେ ଚଳିତବର୍ଷ ଏହି ଯୋଜନାରେ ବହୁ ପ୍ରକଳ୍ପ ନିର୍ମାଣ ହୋଇଛି। ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇ ନ ଥିବାରୁ ସଫଳତା ହାର କମ ରହିଛି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାରେ ରେକର୍ଡ ପରିମାଣର ସଫଳତା ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ରାଜନଗର ବ୍ଲକ ଯାତ୍ରା କମିଟି ସଂଘ ବୈଠକ



ବୈଠକରେ ଉପସ୍ଥିତ ଯାତ୍ରା କମିଟିର ସଦସ୍ୟମାନେ।

**ରାଜନଗର, ୨୪।୯ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଯାତ୍ରା କମିଟି ସଂଘ ପକ୍ଷରୁ ଏକ ବୈଠକ ବାରଗାଁସ୍ଥିତ ମା' ମାଟିଆ ମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ଯାତ୍ରା କମିଟି ସଂଘର ସଭାପତି ମିହିର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜନଗର ବ୍ଲକ ଯାତ୍ରା କମିଟି ସଂଘ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବେ ଚନ୍ଦ୍ର ଚନ୍ଦନ ମିଶ୍ର, ଉପସଭାପତି ଦୁଃଶାସନ ଦାସ, ସମ୍ପାଦକ ଶରତ କୁମାର ଦାସ, ସହସମ୍ପାଦକ ସୁନାମଣି ଜେନା ଓ କୋଷାଧ୍ୟକ୍ଷ ଭାବେ ସନାତନ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଯାତ୍ରାରେ ନଗ୍ନତା ପରିବେଷଣକୁ ବିରୋଧ କରାଯିବା ସହ ଯାତ୍ରା ପରିବେଷଣ ପୂର୍ବରୁ ଓ ପରେ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା କମିଟିର ସମ୍ପାଦକ ବୈକୁଣ୍ଠ ନାଥ ପରିଡା, ସହ ସମ୍ପାଦକ ନିହାର ରଞ୍ଜନ ରାଉତ, ଉପସଭାପତି ମହେଶ୍ୱର ସେଠୀ, କୋଷାଧ୍ୟକ୍ଷ ଗଣେଶ ପଟ୍ଟନାୟକ, ସଂଯୋଜକ ସମୀରକାନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ଯାତ୍ରା କମିଟିର ବସନ୍ତ କୁମାର ହାତୀ, ରାଜ କିଶୋର ପାଣି, ମଳୟ କୁମାର ବିଶ୍ୱାଳ, ଗଙ୍ଗାଧର ଦାସ, ଲକ୍ଷ୍ମୀଧର ସ୍ୱାଇଁ, ବିଦ୍ୟାଧର ଦାସ, ଶୈଳେନ୍ଦ୍ର ରାଉତ, ଅଧିକାରୀ ସାମଲ, ସର୍ବେଶ୍ୱର ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ଦୀପକ କୁମାର ମହାନ୍ତି, ବିଭୂତି ନାୟକ, ଅନିରୁଦ୍ଧ ପରିଡା, ଘନଶ୍ୟାମ ପରିଡା, ଅଜୟ କୁମାର ପାତ୍ର, ବିକାଶ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଫ୍ଲାଏଆଶ୍ ଇଟା ନିମ୍ନମାନର

- ନିମ୍ନମାନର ସିମେଣ୍ଟ, ଜିପ୍‌ସମ, ପାଉଁଶ ବ୍ୟବହାର ହେଉଛି
- ଇଟାର ଇଞ୍ଚ କମ୍ କରାଯାଉଛି
- ସରକାରୀ ସଂସ୍ଥାରେ ବ୍ୟବହାର ପୂର୍ବରୁ ମାନ ନିର୍ଦ୍ଧାରଣ ହେଉନାହିଁ

**କୁଜଙ୍ଗ,୨୪।୯ (ମନୋଜ ପ୍ରଧାନ)**



କୁଜଙ୍ଗ ବ୍ଲକରେ ଗଢି ଉଠିଥିବା ଫ୍ଲାଏଆଶ୍ ଇଟା କାରଖାନା ମାଲିକମାନେ ବିଭିନ୍ନ ଉପାୟରେ ଗରିବ ଜନସାଧାରଣଙ୍କୁ ଠକି ଚାଲିଛନ୍ତି। ଏଥିନିମନ୍ତେ ସାଧାରଣ ଜନତା ମୁହଁ ଖୋଲିବାକୁ ସାହସ ଜୁଟାଇ ପାରୁନାହାନ୍ତି। ପ୍ରକାଶ ଯେ, ଫ୍ଲାଏଆଶ୍ ଇଟା କାରଖାନା ମାଲିକମାନେ ଲୁଣା ଓ ପୋତେଇ ବାଲି ବ୍ୟବହାର କରୁଥିବା ବେଳେ ନିମ୍ନମାନର ସିମେଣ୍ଟ, ଜିପ୍‌ସମ ଓ ପାଉଁଶ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଇଟାର ମାନ ଦୁର୍ବଳ ହେଉଥିବାରୁ ଖୁବ୍‌କମ୍ ଦିନରେ ନଷ୍ଟ ହୋଇଯାଉଛି। ଜଣେ ଗରିବ ଲୋକ ପ୍ରଧାନମନ୍ତ୍ରୀ ଆବାସ ଅବା ବିଜୁ ପକ୍କାଘର ଯୋଜନାରେ ଘରଖଣ୍ଡେ କରୁଥିଲେ ବି ତାହାର ଆୟୁଷ କମିଯାଉଛି। ଅନ୍ୟପଟେ ୧୦ ଇଞ୍ଚ ଇଟା ପରିବର୍ତ୍ତେ ୯ ଇଞ୍ଚ ବା ସାଢେ ୮ ଇଞ୍ଚର ଇଟାଦେଇ ଗ୍ରାହକମାନଙ୍କୁ ଠକାଯାଉଛି। ଅପରପକ୍ଷେ କାରଖାନାରେ ଇଟାର ମୂଲ୍ୟସୂଚୀ ପ୍ରଦର୍ଶିତ କରାଯାଉନାହିଁ। ଇଟା କାରଖାନା ମାଲିକମାନେ ବ୍ୟବହାର କରୁଥିବା ଲୁଣାବାଲିକୁ ଚୋରାରେ ଆଣୁଛନ୍ତି। ଏଭଳି ଶତାଧିକ ଟ୍ରିପ୍ ବାଲି ଆଣି କାରଖାନା ପରିସର ବାହାରେ ଯଥା କେନାଲ ବନ୍ଧ କଡ଼ ଓ ବିଭିନ୍ନ ସ୍ଥାନରେ ଜମାକରି ରଖିଛନ୍ତି । ସେମାନେ ବାଲି କେଉଁ ସଇରାତରୁ ଆଣିଛନ୍ତି ତାହାର ପ୍ରମାଣ ମଧ ଦେଇପାରୁନାହାନ୍ତି। ଅନ୍ୟପଟେ ସରକାରୀ ସଂସ୍ଥାରେ ବ୍ୟବହାର କରିବା ପୂର୍ବରୁ ମାନ ନିର୍ଦ୍ଧାରଣ କରାଯାଉନାହିଁ ବୋଲି ମାଟି ସୁରକ୍ଷା ମଞ୍ଚ ସଂଯୋଜକ ହୃଷୀକେଶ ନାଥ ଅଭିଯୋଗ କରିଛନ୍ତି। ଜଗତ୍‌ସିଂହପୁର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

## ବାଗସାହି ମା'ଦୁର୍ଗାଙ୍କ ମାଟି ଅନୁକୂଳ

**ରଘୁନାଥପୁର,୨୪।୯(ରାଜେନ୍ଦ୍ର ନାରାୟଣ ସିଂହ) :** ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବାଗସାହି ଦୁର୍ଗାପୂଜା କମିଟି ପକ୍ଷରୁ ମା'ଦୁର୍ଗାଙ୍କ ପୂଜା ଉପଲକ୍ଷେ ମାଟି ଅନୁକୂଳ କାର୍ଯ୍ୟ ଶେଷ ହୋଇଛି। ସଭାପତି ଯୋଗାନନ୍ଦ ବୋଷ ଓ ସମ୍ପାଦକ ଖଗେନ୍ଦ୍ର ନାଥ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଗ୍ରାମଦେବତୀଙ୍କ ନିକଟରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନୁକୂଳ ମାଟିକୁ ଗ୍ରାମ ମଧ୍ୟରେ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ପରିବାରର ମା'ମାନେ ଘର ସମ୍ମୁଖରେ ଧୂପଦୀପ ଓ ଶଙ୍ଖ ହୁଳହୁଳିରେ ବନ୍ଦାପନା କରିଥିଲେ। ଏହା ପୂର୍ବରୁ ଗ୍ରାମରେ ଦୁର୍ଗାପୂଜା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ଏହି ଅବସରରେ ସମସ୍ତଙ୍କ ସହଯୋଗ କାମନା କରାଯିବା ସହ ପୂଜା ପାଇଁ ବିଭିନ୍ନ ବିଭାଗର ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ଡିଜେ ସାଉଣ୍ଡ ବନ୍ଦ କରାଯିବା ସହ ଯୁବଶକ୍ତିଙ୍କ ସହଯୋଗ କାମନା କରାଯାଇଥିଲା। ଗୋକୁଳ ଚନ୍ଦ୍ର ସେନାପତି, କିଶୋର ମୁଖାର୍ଜୀ, ଅଜୟ ମଣ୍ଡଳ, ଗୌରାଙ୍ଗ ଦାସ ପ୍ରମୁଖ ଗ୍ରାମବାସୀ ଏଥିରେ ଯୋଗଦେଇଥିଲେ।

## ଆଳି ନାଗରିକ ମଞ୍ଚର ପୁନର୍ଗଠନ, ସମ୍ବର୍ଦ୍ଧନା ସଭା



ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଆଳି,୨୪।୯(ବନମାଳୀ ସେନାପତି):** କେନ୍ଦ୍ରାପଡ଼ା ଜିଲା ଆଳି ନାଗରିକ ମଞ୍ଚର ପୁନର୍ଗଠନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏକ ମଣ୍ଡପ ପରିସରରେ ନାଗରିକ ମଞ୍ଚର ସଭାପତି ଧନେଶ୍ୱର ରାଉତଙ୍କ ସଭାପତିତ୍ୱରେ ବର୍ଷୀୟାନ କମ୍ୟୁନିଷ୍ଟ ନେତା କମ୍ରେଡ କୃଷ୍ଣଚନ୍ଦ୍ର ମଲ୍ଲିକ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ, ପ୍ରାବନ୍ଧିକ କାଳନ୍ଦୀ ଚରଣ ଜେନାଙ୍କୁ ଆଳି ନାଗରିକ ମଞ୍ଚ ପକ୍ଷରୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କାରାଯାଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଆଳି ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ମଞ୍ଚର ସଭ୍ୟମାନେ ଆଲୋଚନା କରିଥିଲେ। ମଞ୍ଚର ସଭାପତି ଧନେଶ୍ୱର ରାଉତ, ସମ୍ପାଦକ ଅକ୍ଷୟ କୁମାର ମଲିକ, ଆଇନ ଉପଦେଷ୍ଟା ଶରତ ଚନ୍ଦ୍ର ମହାନ୍ତି, ଦଶରଥ ମଲିକ, ପର୍ଶୁରାମ ରାଉତରାୟ, ଲକ୍ଷ୍ମୀଧର ଦୀକ୍ଷିତ, କମଳାକାନ୍ତ ସିଂହ, ମାୟାଧର ରାଉତ, ଡା. କୈଳାସ ମଲିକ, ମେଘାନନ୍ଦ ବେହେରା, ମଧୁସ୍ମିତା ସାମଲ, ସୁହାନା ବେଗମ୍, ରଶ୍ମି ମହାନ୍ତି, ଅନୁପମା ତ୍ରିପାଠୀ, ଅନ୍ନପୂର୍ଣ୍ଣା ବିଳାସ, ସନିଭା ମିଶ୍ର, ମାଳତୀ ସୂତାର, କରୁଣାକର ତ୍ରିପାଠୀ, ରାମଚନ୍ଦ୍ର ସାହୁ, କରୁଣାକର ସାମଲ, ସ୍ୱାଧୀନ କେଶରୀ ଦିଗ୍‌ବିଜୟ ୨୯ ଜଣ କର୍ମକର୍ତ୍ତାଙ୍କୁ ନେଇ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସହଦେବ ସିଂହ ଧନ୍ୟବାଦ ଦେଇଥିଲେ।

## ରାଜକନିକା ବ୍ଲକ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ରାଜକନିକା,୨୪।୯ (ସଞ୍ଜୟ କୁମାର ଦାଶ) :** ରାଜକନିକା ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ (ମିନି ଷ୍ଟଡିୟମ)ଠାରେ ଅନୁଷ୍ଠିତ ରାଜକନିକା ବ୍ଲକ ବିଦ୍ୟାଳୟସ୍ତରୀୟ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୧୦୦ ମିଟର, ୨୦୦ ମିଟର , ୪୦୦ ମିଟର, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଗୁଳା ଫିଙ୍ଗା ଓ ଥାଳି ଫିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସମଗ୍ର ବ୍ଲକର ୧୩୫ ଜଣ ପ୍ରତିଯୋଗୀ ଭାଗ ନେଇ ସେଥିମଧ୍ୟରୁ ୨୦ଜଣ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଥିବା ଜଣାପଡିଛି। ଜୋନ ସମ୍ପାଦକ ଅରୁଣ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ପୂର୍ବତନ କ୍ରୀଡା ଶିକ୍ଷକ ଗୋଲକ ବିହାରୀ ମଲ୍ଲିକ, ଅରୁଣ କୁମାର ବାରିକ, ଅଶ୍ୱିନୀ କୁମାର ବେହୁରା, ରବୀନ୍ଦ୍ର ଦାଶ, ସୋମନାଥ ସାମଲ, ସୁରେଶ ରାଉତ, ସତ୍ୟବ୍ରତ ଆଚାର୍ଯ୍ୟ, ସିଦ୍ଧାର୍ଥ ଜେନା, ଶରତ କୁମାର ଜେନା, ମିହିର ରାଉତ, ମନୋଜ ମାଝି, ଅରବିନ୍ଦ ତରାଇ, ପ୍ରମିଳା ଖୁଲାରୀ, ଲକ୍ଷ୍ମୀରାଣୀ ସୋରେନ, ସୁଶ୍ରୀ ସଙ୍ଗୀତା ରାଉତ, ସୁଜାତା ମଲ୍ଲିକ ପ୍ରମୁଖଙ୍କ ସମେତ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଖେଳ ପରିଚାଳନା କରିଥିବା ଦେଖିବାକୁ ମିଳିଥିଲା।

## ଟ୍ରକ୍ ଧକ୍କାରେ ନାବାଳକ ଗୁରୁତର

**ବାଲିକୁଦା,୨୪।୯(ତାପସ ସ୍ୱାଇଁ):** ବାଲିକୁଦା ଥାନା ଅନ୍ତର୍ଗତ ବ୍ରାହ୍ମଣ୍ଡି ଗ୍ରାମରେ ଏକ ୧୪ ଚକିଆ ଟ୍ରକ ଦୁର୍ଘଟଣାରେ ଆଶୁତୋଷ ସ୍ୱାଇଁ(୧୨) ଗୁରୁତର ହୋଇଛନ୍ତି। ତାଙ୍କ ହାତର ହାଡ଼ ଭାଙ୍ଗି ୨ ଖଣ୍ଡ ହୋଇଯାଇଛି। ସୂଚନାଯୋଗ୍ୟ, ଆନ୍ଧ୍ରରୁ ଏକ ୧୪ ଚକିଆ ଟ୍ରକ କୁସୁପୁର ପଞ୍ଚାୟତ ତେନ୍ତୁଳିବେଲାରି ବଜାରକୁ ଚିଙ୍ଗୁଡ଼ି ଦାନା ନେଇ ଆସୁଥିଲା। ଏହି ସମୟରେ ଆଶୁତୋଷ ଘର ସଉଦା ନେଇ ଫେରୁଥିଲେ। ଘର ନିକଟରେ ଟ୍ରକ ଧକ୍କାରେ ଆଶୁତୋଷ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପରିବାରକୁ ଜଣାଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଆଶୁତୋଷଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଟ୍ରକକୁ ଅଟକ ରଖାଯାଇଥିବାବେଳେ ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ଆଶୁତୋଷଙ୍କ ପରିବାର ପକ୍ଷରୁ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି ସୂଚନା ମିଳିଛି।

## ୨୧୭ ହିତାଧିକାରୀଙ୍କୁ ୧୦୧୦ ପ୍ରକାର ଉପକରଣ ବଣ୍ଟନ

**ରାଷ୍ଟ୍ରୀୟ ଭୟୋଶ୍ରୀ ଯୋଜନା**

**ମହାକାଳପଡ଼ା,୨୪।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**



ବ୍ଲକ ପରିସରରେ ବରିଷ୍ଠ ନାଗରିକମାନଙ୍କୁ ନୂଆ କିଟ୍ ବଣ୍ଟନ କରାଯାଉଛି।

କେନ୍ଦ୍ର ସରକାରଙ୍କ ସହାୟତା ଓ ରାଜ୍ୟ ସରକାରଙ୍କ ସହଯୋଗରେ ରାଷ୍ଟ୍ରୀୟ ଭୟୋଶୀ ଯୋଜନାରେ ଗ୍ରାମାଞ୍ଚଳର ଅଭାବୀ ପରିବାରର ବରିଷ୍ଠ ନାଗରିକମାନଙ୍କୁ ଆଶାର ଆଲୋକ ମିଳିଛି। ପରିଣତ ବୟସରେ ନାଗରିକଙ୍କ ଚାଲିବା ପାଇଁ ବଳ ନାହିଁ, ଶୁଣିବାକୁ ଶ୍ରବଣ ଶକ୍ତି ହରାଇଲେଣି, ଶାରୀରିକ ଅକ୍ଷମ ଯୋଗୁ କାହାର ଆଶାବାଡ଼ିଟିଏ ନାହିଁ, କିଏ ଚାଲିବା ପାଇଁ ଅକ୍ଷମ ଯୋଗୁ ଗୁରୁଛୁଛନ୍ତି ତ କାହାର ଆଖିକୁ ଦେଖାଯାଉନି। ଏଭଳି ଅନେକ ନାଗରିକ ନିଷ୍ପେଷିତ ଜୀବନ କାଟୁଛନ୍ତି। ଏମାନଙ୍କ ପାଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କିଟ୍ ବା ଯନ୍ତ୍ରାଂଶ, ଆଶାବାଡ଼ି, ଟ୍ରାଇ ସାଇକେଲ ସମେତ କୃତ୍ରିମ କିଟ୍ ଆଦି ମାଗଣାରେ ଯୋଗାଇ ଦିଆଯାଉଛି। ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ କଟକ ଜିଲା ଓଲଟପୁର ଥିବା ନିରତାର ବା ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ, ଜିଲା ଓ ବ୍ଲକ ପ୍ରଶାସନର ସହଯୋଗରେ ରବିବାର ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଉପକରଣ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ପକ୍ଷରୁ ଅତିରିକ୍ତ ସଚିବ ଦୟାନନ୍ଦ କୁମାର ଯୋଗଦେଇ ଗ୍ରାମାଞ୍ଚଳର ଅସହାୟ ଗରିବ ଶ୍ରେଣୀର ବରିଷ୍ଠ ନାଗରିକମାନେ ଏହାର ସୁଯୋଗ ନେଇ ପାରିବେ। ସେମାନଙ୍କୁ ଆଶାର ଆଲୋକ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ପରେ ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ କିଟ୍ ବଣ୍ଟନ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରବାସ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବିଡିଓ ସାଗର କୁମାର ନନ୍ଦ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ କିଟ୍ସ ବଣ୍ଟନ କରିଥିଲେ। ବ୍ଲକ ର ବିଭିନ୍ନ ଅଞ୍ଚଳ ରୁ ଆସିଥିବା ବରିଷ୍ଠ ନାଗରିକ ମାନେ ଏହି ନୂଆ କିଟ୍ ପାଇ ଖୁସି ବ୍ୟକ୍ତ କରିଛନ୍ତି। ଏହା ଆମ ପରିଣତ ବୟସରେ ଆଶାର ଆଲୋକ ବୋଲି କେତେଜଣ ବରିଷ୍ଠ ନାଗରିକ କହିଛନ୍ତି।

# ଗୋଟିଏ ରାତିରେ ସିରିଜ୍ ଚୋରି

**ଡେରାବିଶ, ୨୪।୯(ବେବର୍ତ୍ତା ଅଜୟ ଦାସ)**

**ଲକ୍ଷାଧିକ ଟଙ୍କାର ଗହଣା, ନଗଦ ଟଙ୍କା ଲୁଟିନେଲେ**

**ଘଟଣାସ୍ଥଳରେ ପହଞ୍ଚିଲା ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍**



ଆଲମିରା, ଆଟାଚକୁ ଭାଙ୍ଗି ଦୁର୍ବୃତ୍ତ ସୁନା ଅଳଙ୍କାର ଓ ଟଙ୍କା ନେଇ ଯାଇଛନ୍ତି।

ଡେରାବିଶ ଥାନା ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହେବା ସହ ୩ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କାର ଗହଣା ଓ ନଗଦ ଅର୍ଥ ଦୁର୍ବୃତ୍ତମାନେ ନେଇ ପଳାଇଛନ୍ତି। ଏ ନେଇ ରବିବାର ସକାଳେ ଡେରାବିଶ ଥାନାରେ ଅଭିଯୋଗ ହେବା ପରେ ଏସ୍‌ଆଇ ରମେଶ ଚନ୍ଦ୍ର ସେଠୀ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତିମାନେ ହେଲେ ଗ୍ରାମର ଦୀପ୍ତିକାନ୍ତ ପାଢୀ, ରଶ୍ମିକାନ୍ତ ପାଢୀ ଓ ଶୁଭସ୍ମିତା ପାଢୀ। ତେବେ ଏ ସମ୍ପର୍କରେ ଦୀପ୍ତିକାନ୍ତଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ ଗ୍ରାମରେ ଗଣେଶ ପୂଜା ମଣ୍ଡପ ନିକଟରେ ହେଉଥିବା ମେଲୋଡ଼ି ଦେଖିବାକୁ ପରିବାର ସହ ସମସ୍ତେ ଯାଇଥିଲୁ। ସେଠାରୁ ଫେରି ଶୋଇଥିବା ସମୟରେ ଦୁର୍ବୃତ୍ତମାନେ ବାହାର ଗ୍ରୀଲ, କବାଟର ତାଲା ଭାଙ୍ଗି ଘର ଭିତରେ ପଶି ଗଡ୍‌ରେଜ ଭାଙ୍ଗିବା ସହ ସେଥିରେ ଥିବା ସୁନାଗହଣା,ବାସନକୁସନ ସହ ନଗଦ ୨୬୦୦ ଟଙ୍କା ଲୁଟି ନେବା ସହ ରଶ୍ମିକାନ୍ତଙ୍କ ଘରୁ ସୁନାଗହଣା,ବାସନକୁସନ ସହ ନଗଦ ୫୦୦୦ ଟଙ୍କା ଲୁଟି ନେଇଛନ୍ତି। ସେହିପରି ଶୁଭସ୍ମିତା ତାଙ୍କ ଅଭିଯୋଗରେ ସେ ଶୋଇଥିବା ସମୟରେ ତାଙ୍କର ବାହାରେ ଥିବା ଚାଳଘରର କବାଟ ଭାଙ୍ଗି ସୁନା କାନଫୁଲ ଗୋଟିଏ, ଲୁଗା ଓ ନଗଦ ୫୦୦୦ ଟଙ୍କା ଲୁଟ ହୋଇଥିବା ନେଇ ଦର୍ଶାଇଛନ୍ତି। ଏଥିସହ ଦୁର୍ବୃତ୍ତମାନେ ଗ୍ରାମରେ ଥିବା ହନୁମାନ ମନ୍ଦିରର ଗ୍ରୀଲ ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଜିଲା ସାଇଣ୍ଟିଫିକ୍ ସ୍କ୍ୱାଡ୍‌ର ଅଧିକାରୀ ମନୋରମା ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଏବଂ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ରବିବାର ସନ୍ଧ୍ୟା ଯାଏ ପୋଲିସ ପକ୍ଷରୁ ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ତଦନ୍ତ ଚାଲୁ ରହିଛି। ଦୁର୍ବୃତ୍ତଙ୍କ କୌଣସି ସନ୍ଧାନ ମିଳିନାହିଁ। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୨୪୭/୨୩, ୨୪୮/୨୩ରେ ମାମଲା ରୁଜୁ କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସେଠୀ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ଟେନିସ ଟୁର୍ନାମେଣ୍ଟରେ ତହସିଲଦାରଙ୍କ ସଫଳତା




ଗଞ୍ଜାମ,୨୪।୯(ବିଦ୍ୟାଧର ସାହୁ)

ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ସର୍ବଭାରତୀୟ ସିଭିଲ ସର୍ଭିସ ରାଜ୍ୟସ୍ତରୀୟ ଟେନିସ ଟୁର୍ନାମେଣ୍ଟରେ ଖେଳି ଗୌରବ ଆଣିଛନ୍ତି। ଶନିବାର ଏହି ଟୁର୍ନାମେଣ୍ଟରେ ପଞ୍ଜାବକୁ ହରାଇ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ମ୍ୟାଚ ରାଜସ୍ଥାନର ଉଦୟପୁର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଫଳତା ନିମନ୍ତେ ସରକାରୀ ବେସରକାରୀ କାର୍ଯ୍ୟାଳୟ ତଥା ବିଭିନ୍ନ ସଂଗଠନ ପକ୍ଷରୁ ତହସିଲଦାରଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୩ ଯୁବକ ଗିରଫ

ଖଜୁରିପଡା,୨୪।୯(ବିଦୁର ବେହେରା)

ଖଜୁରୀପଡା ଥାନା ପୋଲିସ ଜୁଆ ଆଡ୍ଡାରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ନଗଦ ୧୭ ଶହ ଟଙ୍କା, ୩ ମୋବାଇଲ, ୨ ବାଇକ ଜବତ କରିଛି। ଗୁରୁବାର ସନ୍ଧ୍ୟାରେ ପୋଲିସ ସାଦା ପୋଷାକରେ ଏକ ଅଟୋ ଯୋଗେ ସେଠାକୁ ଯାଇ ଜୁଆଡ଼ିମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। କିଛି ଯୁବକ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଥାନା ଏସଆଇ ଦିନବନ୍ଧୁ ପ୍ରଧାନ ସହ ରାକେଶ ବିଷୋୟୀ ଗୁରୁତର ହୋଇଥିବା ବେଳେ ୩ ଜଣ ଯୁବକଙ୍କୁ କାବୁ କରିଥିଲା। ସେମାନେ ହେଲେ ଫୁଲବାଣୀ ଅଞ୍ଚଳର ଇନ୍ଦ୍ରଜିତ ପ୍ରଧାନ, ବଂଶୀଧର ବାରିକ, ନବଗୁବା ଅଞ୍ଚଳର ରାମ ଚନ୍ଦ୍ର ମାଝୀ। ପୋଲିସ କେସ ନମ୍ବର ୧୩୨/୯-୨୦୨୩ ମାମଲା ରୁଜୁ କରିଛି।

### ଖାଉଟି ଡିଲର ଫେଡେରେଶନର ବୈଠକ ସମସ୍ୟା ସମାଧାନ ନ ହେଲେ ଧାରଣା

ହାତୀଓଟ,୨୪।୯(ରଞ୍ଜୟ ପାଣିଗ୍ରାହୀ)

ସର୍ବ ଭାରତୀୟ ଡିଲର୍ସ ଫେଡେରେଶନର ଆହ୍ୱାନ କ୍ରମେ ଆସନ୍ତା ୨୭ ତାରିଖରେ ଖାଉଟି ସାମଗ୍ରୀ ବଣ୍ଟନ ବନ୍ଦକରି ରାଜ୍ୟ ଯୋଗାଣ ନିଗମର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ସ୍ଥାନୀୟ ପ୍ରଭାକର ପ୍ରଧାନ ଜଣାଇଛନ୍ତି। ପ୍ରଧାନ ଜଣାଇଛନ୍ତି ଯେ, ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଖାଉଟି ଜିନିଷ ବଣ୍ଟନ କରୁଥିବା ଡିଲରମାନଙ୍କୁ ଗତ ୩୧ ମାସ ହେଲା ସେମାନଙ୍କ ପାଉଣା ଦିଆଯାଇନାହିଁ। ଫଳରେ ଡିଲରମାନେ ବଡ଼ ଅସୁବିଧାରେ ଚଳୁଛନ୍ତି। ଏଣୁ ସଂଘର ସର୍ବ ଭାରତୀୟ ଫେଡେରେଶନର ନିଷ୍ପତ୍ତି କ୍ରମେ ଚଳିତ ମାସ ୨୭ ତାରିଖରେ ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏହି ଧାରଣା କାର୍ଯ୍ୟକ୍ରମରେ ପୋଲସରାର ସମସ୍ତ ଡିଲର ଯୋଗଦେବେ ବୋଲି ପ୍ରଭାକର ପ୍ରଧାନ କହିଛନ୍ତି। ରବିବାର ଏହି ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଧାନଙ୍କ ସମେତ ରମେଶ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ସୁଦୀପ୍ତ ମୋହନ ପଟ୍ଟନାୟକ, ଭରତ ବେହେରା, ଲକ୍ଷ୍ମୀ ନାରାୟଣ ପାତ୍ର, ଗୌରହରି ମଲିକ ଓ ଅଭିମନ୍ୟୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଦ୍ୱିତୀୟ ଶ୍ରେଷ୍ଠ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଧିମା

■ କୁଲାଡ଼ ପଞ୍ଚାୟତର ୪ କୋଟି ଟଙ୍କା ବିନିଯୋଗ ହେଉନି

■ ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରତି ଆଗ୍ରହ ବଢ଼ୁଛି

ଭଞ୍ଜନଗର,୨୪।୯(ବାବୁଲା ପ୍ରଧାନ)

ସାମାଜିକ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭଞ୍ଜନଗର ବ୍ଲକ କୁଲାଡ଼ ପଞ୍ଚାୟତ ଜାତୀୟସ୍ତରରେ ଦ୍ୱିତୀୟ ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ ହୋଇଥିଲା। ପଞ୍ଚାୟତକୁ ୭୫ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିଥିଲା। ଏହାପରେ ରାଜ୍ୟ ସରକାର ମଧ୍ୟ ପୁରସ୍କାର ସହ ପଞ୍ଚାୟତକୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରୋତ୍ସାହନ ରାଶି ଭାବେ ଦେଇଥିଲେ। ପୁରସ୍କାର ମିଳିବା ପରେ ପ୍ରାୟ ୫ମାସ ହେବ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଧିମେଇ ଯାଇଛି। କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନ୍‌ଆର୍‌ଇଜିଏସ୍)ରେ ଯାହା କିଛି କାମ ହେଉଛି। ପୁରସ୍କାର ରାଶି ସହ ପଞ୍ଚାୟତ ଫଣ୍ଡ, ଜିଲା ପରିଷଦ ଫଣ୍ଡ ସମେତ ବିଭିନ୍ନ ଅନୁଦାନ ମିଶି ପ୍ରାୟ ୪ କୋଟି ଟଙ୍କା ଥିଲେ ମଧ୍ୟ ବିନିଯୋଗ ହୋଇପାରୁନାହିଁ। ପଞ୍ଚାୟତ ପ୍ରତିନିଧିମାନେ ଉକ୍ତ ଅର୍ଥକୁ ବିନିଯୋଗ ଉପରେ ସେଭଳି ଗୁରୁତ୍ୱ ଦେଉନଥିବା କେତେଜଣ ଗ୍ରାମବାସୀ ପ୍ରକାଶ କରିଛନ୍ତି।

୨୦୨୨-୨୦୨୩ ଆର୍ଥିକ ବର୍ଷରେ କୁଲାଡ଼ ଜଗନ୍ନାଥ ମନ୍ଦିରକୁ ଲାଗିଥିବା ପୋଖରୀର ପଙ୍କ ଉଦ୍ଧାର ସମେତ ଗାର୍ଡ଼ ୱାଲ୍ ନିର୍ମାଣ ପାଇଁ ୨୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ବର୍ତ୍ତମାନ ପୋଖରୀଟି ପୁଣି ଲଟାବୁଦାରେ ଭର୍ତ୍ତି ହୋଇଗଲାଣି। ପୁରସ୍କାର ରାଶିରୁ ୫୦ ଲକ୍ଷ ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ରଖାଯାଇଛି। ପୋଖରୀ ଆଡିରେ ଓପନ ଜିମ, ୧୦୦ ମିଟର ଉଚ୍ଚତାରେ ଜାତୀୟ ପତାକା ଉଡାଇବା, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ଅଛି। ହେଲେ ଏ ଯାଏ କାମ ଆରମ୍ଭ ହେଉନାହିଁ। ବଳକା ଗଚ୍ଛିତ ଅର୍ଥରେ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ କରିବା ଯୋଜନା ଅଛି। ବଡ଼ ପ୍ରକଳ୍ପ ଗୁଡ଼ିକୁ ଛାଡ଼ି ଇତିମଧ୍ୟରେ କମ୍ ଅର୍ଥରେ ହେବାକୁ ଥିବା କିଛି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ତାହା ମନ୍ଥର ଗତିରେ ଚାଲିଛି। ବିଶ୍ୱ ପ୍ରସିଦ୍ଧ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମ ମାଟି ହେଉଛି କୁଲାଡ଼। ଏଠାରେ ଭଞ୍ଜ ରାଜାଙ୍କ ଶାସନ ସମୟରେ ସ୍ଥାପିତ ଜଗନ୍ନାଥ ମନ୍ଦିର, ବ୍ୟାଘ୍ରଦେବୀ ମନ୍ଦିର, ନାରାୟଣ ମନ୍ଦିର ଥିବାରୁ ଦୈନନ୍ଦିନ ବିଭିନ୍ନ ଅଞ୍ଚଳରୁ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି। ୫-ଟି ସଚିବ ଭି.କେ ପାଣ୍ଡିୟାନ ଗତ ୨୬ ତାରିଖରେ ଭଞ୍ଜନଗର ଗସ୍ତରେ ଆସିଥିବା ବେଳେ କୁଲାଡ଼ରେ ଥିବା ବିଭିନ୍ନ ମନ୍ଦିରର ଉନ୍ନତୀକରଣ ପାଇଁ ଅର୍ଥ ଦିଆଯିବ ବୋଲି ଘୋଷଣା କରିଥିଲେ। ଏ ବାବଦରେ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କିଛିଦିନ ମଧ୍ୟରେ ଆସିବ। କୁଲାଡ଼ ଭଳି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁତ୍ୱ ଦେଉଛନ୍ତି। ହେଲେ ପଞ୍ଚାୟତ ପ୍ରତିନିଧିମାନେ ଉକ୍ତ ଅନୁଦାନ ଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ କରିପାରୁନାହାନ୍ତି। ଫଳରେ ନୂଆ ଅନୁଦାନ ଆସିପାରୁନାହିଁ। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ପଞ୍ଚାୟତଗୁଡ଼ିକରେ ଥିବା ଗଚ୍ଛିତ ଅର୍ଥର ସଦ୍‌ବିନିଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି ବ୍ଲକର ଜଣେ ଅଧିକାରୀ କହିଛନ୍ତି।



ପୁନରୁଦ୍ଧାର ହୋଇଥିବା ପୋଖରୀରେ ଲଟାବୁଦା ଭରିଛି।

# ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଲେ କବି ପ୍ରସନ୍ନ ଦଳାଇ

କବିସୂର୍ଯ୍ୟନଗର, ୨୪।୯ (କୃପାସିନ୍ଧୁ ସ୍ୱାଇଁ)



କବିସୂର୍ଯ୍ୟନଗର ବ୍ଲକର ନିପଟ ମଫସଲ ଗାଁ ନନ୍ଦିଆଗଡ଼ାରେ ଜନ୍ମିତ ସାରସ୍ୱତ ସାଧକ କବି ପ୍ରସନ୍ନ କୁମାର ଦଳେଇ ଇଂରାଜୀ ସାହିତ୍ୟରେ ଉଚ୍ଚକୋଟିର ସାଧନା ପାଇଁ ଗିନିଜ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିପାରିଛନ୍ତି। ଆଜିର ସାମାଜିକ ଚଳଣି, ପ୍ରକୃତିର ରୂପଚର୍ଯ୍ୟା, ପ୍ରକୃତି ଓ ମଣିଷ ଉପରେ ସନ୍ନିବେଶିତ ଲେଖାଗୁଡିକ ଉଚ୍ଚକୋଟୀର ହୋଇଥିବା ହେତୁ ଅନ୍ୟ କବିଙ୍କ ମଧ୍ୟରେ ସେ ଶ୍ରେଷ୍ଠତ୍ୱ ଲାଭ କରିଛନ୍ତି। ସେ ୱେଷ୍ଟଇଣ୍ଡିଜରୁ ହାନାରବି ଆୱାର୍ଡ, ବାଂଲାଦେଶରୁ ଟିଚର ଡିପ୍ଲୋମା ଆୱାର୍ଡ, ନାଇଜେରିଆରୁ ଇଣ୍ଟରନ୍ୟାସନାଲ ଆୱାର୍ଡ, ଭାରତରୁ ମଦର ଟେରେସା ଆୱାର୍ଡ, କଟକରୁ ଜୟଦେବ ପୁରସ୍କାର ଏପରି ବହୁ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ବର୍ତ୍ତମାନ ସେ କବିସୂର୍ଯ୍ୟନଗର କେବିଭି ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଓ ଘନଶ୍ୟାମ ସଂସ୍କୃତ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅଛନ୍ତି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, କବିସୂର୍ଯ୍ୟନଗର ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠି ଓ ଉପାଧ୍ୟକ୍ଷ ବିକ୍ରାନ୍ତ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସଂଘର ଅଧିବେଶନ

ଆସିକା,୨୪।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସଂଘର ବାର୍ଷିକ ସାଧାରଣ ଅଧିବେଶନ ରବିବାର ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଶେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସଂଘ ସଂପାଦକ ସନ୍ତୋଷ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଅରୁଣ କୁମାର ସେଠୀ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି, ଅଗ୍ନି ସୁରକ୍ଷା ବ୍ୟବସ୍ଥା, ଅଭିଭାବକ ଓ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିୟମିତ ବୈଠକ, ବିଦ୍ୟାଳୟରେ କ୍ୟାଣ୍ଟିନ ଓ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଯାତାୟତ ଲାଗି ବିଦ୍ୟାଳୟ ପକ୍ଷରୁ ନିଜସ୍ୱ ପରିବହନ ବ୍ୟବସ୍ଥା କରିବା ଲାଗି ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷ ତଥା ଗଞ୍ଜାମ ଜିଲାପାଳଙ୍କ ପ୍ରତିନିଧିତ୍ୱ କରୁଥିବା ଆସିକା ତହସିଲଦାର ଏହି ସମସ୍ୟାର ସମାଧାନ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବା ନିମନ୍ତେ ବୈଠକରେ ଅନୁରୋଧ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶଙ୍କର ସାହୁ, ପ୍ରଶାନ୍ତ କୁମାର କର, ଶ୍ୟାମସୁନ୍ଦର ପାଢ଼ୀ, ବିଶ୍ୱନାଥ ସେଠୀ, ସୁଦସ୍ତା ପଟ୍ଟନାୟକଙ୍କ ସମେତ ବହୁ ଅଭିଭାବକ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବିଜେଡିରେ ମିଶିଲେ ୩୦୦ ଭାଜପା କର୍ମୀ



ପାରଳାଖେମୁଣ୍ଡି,୨୪।୯ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ କଟଲକଇଠା ପଞ୍ଚାୟତ ଯାଜପୁର ଗ୍ରାମରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୩୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଓ ନେତା ମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ପୂର୍ବତନ ସରପଞ୍ଚ ବିନୋଦ ପ୍ରଧାନ, ଜୟସେନ ପ୍ରଧାନ, ଉମା ଆପଟ, ନିରଞ୍ଜନ ବାରିକ, ଦାଶରଥି ଜେନା, ଜଗା ପ୍ରଧାନ, ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି କଳା ସଂଘର ସଭାପତି ଲକ୍ଷ୍ମୀକାନ୍ତ ପ୍ରଧାନ, ପାଣ୍ଡବ ସଇଁନସା ପ୍ରମୁଖ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଡ. ତିରୁପତି ପାଣିଗ୍ରାହୀଙ୍କ ଉପସ୍ଥିତିରେ ଇଂ.ରୂପେଶ ପାଣିଗ୍ରାହୀ, ଜିଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବି.ସାୟାମ୍ମା, ଗୁମ୍ମା ବ୍ଲକ ଅଧ୍ୟକ୍ଷ ସୁନେମି ମଣ୍ଡଳ, ରାଜ୍ୟ ବିଜେଡି ସମ୍ପାଦକ ବସନ୍ତ ଦାସ, ମାରୁତ ପାଳ, ଆରଏମ୍‌ସିଏସ୍ ସଭାପତି ଏସ. ଗଜପତି ରାଓ, ଗୋଷାଣି ବ୍ଲକ ବିଜେଡି ସଭାପତି ଈଶ୍ୱର ରାଓ, କାଶୀନଗର ବ୍ଲକ ବିଜେଡି ସଭାପତି ଅଖିଳ ପାତ୍ର, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା ପ୍ରମୁଖ ଯୋଗଦେଇ ବିଜେଡିରେ ଯୋଗଦେଇଥିବା ନେତା ଓ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ଦଳକୁ ଅଧିକ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ।

# 'ମେରୀ ମାଟି, ମେରା ଦେଶ' କାର୍ଯ୍ୟକ୍ରମ

ବାଲିଗୁଡା,୨୪।୯(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡାସ୍ଥିତ ୧୨୭ ସିଆରପିଏଫ ବାଟାଲିୟନ ତରଫରୁ 'ମେରୀ ମାଟି, ମେରା ଦେଶ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଟାଉନର ଗୁଲିମରାପଦାସାହି, ପଣଷପଡି, ଖଜୁରିନାଳ, ବଡ଼ଗାଁ, କାମପଡା, ବାରଖମା, ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ଏବଂ ପଣଷପଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅଭିଯାନ ଅନ୍ତର୍ଗତରେ 'ମେରୀ ମାଟି, ମେରା ଦେଶ' କାର୍ଯ୍ୟକ୍ରମ ଜରିଆରେ ଅମୃତ କଳସ ଯାତ୍ରା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଆରପିଏଫ ସଦସ୍ୟମାନେ ଗ୍ରାମବାସୀ ତଥା ଅଞ୍ଚଳର ସମସ୍ତ ଜନ ପ୍ରତିନିଧିଙ୍କ ନିକଟରେ ପହଞ୍ଚି ହାତରେ ମାଟି କଳସ ନେଇ 'ମେରୀ ମାଟି, ମେରା ଦେଶ' ବୋଲି ଶପଥ ଗ୍ରହଣ କରିଥିଲେ। ଏଥିରେ ୧୨୭ ବାଟାଲିୟନ ସିଆରପିଏଫର କମାଣ୍ଡାଣ୍ଟ ଆନନ୍ଦ ଝା ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଉପ କମାଣ୍ଡେଣ୍ଟ ବିପିନ କୁମାର ତଥା ସହାୟକ କମାଣ୍ଡେଣ୍ଟ କୁମାର ରାଘବେନ୍ଦ୍ର, ୱାର୍ଡ ପ୍ରତିନିଧି, ଆଦିବାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ପଣଷପଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନମିତା ପ୍ରହରାଜ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ଆଜିଠାରୁ 'ଘରେ ଘରେ କଂଗ୍ରେସ' କାର୍ଯ୍ୟକ୍ରମ

କାଶୀନଗର, ୨୪।୯(ଟି.କ୍ରିଷ୍ଣା ରାଓ)

ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତାକାଲି ଅର୍ଥାତ୍ ୨୫ ତାରିଖଠାରୁ 'ଘରେ ଘରେ କଂଗ୍ରେସ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ ବୋଲି ଜଣାପଡିଛି। ଗଜପତି ଜିଲା କଂଗ୍ରେସ କମିଟି ଉପସଭାପତି ବସନ୍ତ କୁମାର ପଣ୍ଡା ଏ ସମ୍ପର୍କରେ ଲିଖିତ ସୂଚନା ଦେଇଛନ୍ତି। ଅବସରପ୍ରାପ୍ତ ଆଇଏଏସ ତଥା ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେବେ। ତେବେ ବିଜୟ ପଟ୍ଟନାୟକ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୦୨୪ରୁ କଂଗ୍ରେସ ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିବା ସମ୍ଭାବନାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଗଞ୍ଜାମ ଚାଷୀ ଏବେ ଦାଦନ

■ ଋଷିକୁଲ୍ୟା ରୟତ ମହାସଭାର ଅଭିଯୋଗ

■ ଜଳସେଚନ, ଉପଯୁକ୍ତ ବଜାର ଅଭାବ

ଛତ୍ରପୁର,୨୪।୯(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଚଳିତବର୍ଷ ଖରିଫ ଧାନରୁଆ ବେଳେ ବର୍ଷା ଅଭାବ ଦେଖାଦେଇଥିଲା। ଜିଲାରେ ଜଳସେଚନ ସୁବିଧା ବହୁତ କମ୍ ଥିବାରୁ ଧାନଚାଷ ବିଶେଷ ପ୍ରଭାବିତ ହୋଇଛି। ବର୍ଷା ଓ ଜଳସେଚନ ଅଭାବରୁ ଜିଲାର ୩୦ ପ୍ରତିଶତ ଜମିରେ ଧାନଚାଷ ହୋଇ ନ ପାରି ପଡିଆ ପଡିରହିଛି। ଜିଲାରେ ମାତ୍ର ୪୦ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ରହିଛି। ତେଣୁ ଚାଷରୁ ନିରାଶ ଚାଷୀ ପରିବାର ପ୍ରତିପୋଷଣ ପାଇଁ ଗାଁ ଛାଡି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯାଉଥିବା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଏକ ପ୍ରେସ ବିଜ୍ଞପ୍ତିରେ ଅଭିଯୋଗ କରିଛନ୍ତି।

ପ୍ରତିବର୍ଷ ଜିଲାରେ ଚାଷ କାର୍ଯ୍ୟ କମୁଥିବାରୁ ଚାଷୀ ଓ କୃଷି ଶ୍ରମିକ ବାହାର ରାଜ୍ୟମୁହାଁ ହେଉଛନ୍ତି। ତେଣୁ ଆସନ୍ତା ୫ ବର୍ଷ ମଧ୍ୟରେ ସବୁ ଜମିକୁ ଜଳସଚେନ ସୁବିଧା କରି ଦାଦନମୁକ୍ତ ଗଞ୍ଜାମ ଘୋଷଣା କରିବା ନିମନ୍ତେ ଜଳସେଚନ ମିଶନ ଗଠନ ପାଇଁ ନିର୍ଦ୍ଦେଶ ଦେବାକୁ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି। ଏ ନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇଛି। ଆସନ୍ତା ରବି ଫସଲ ପାଇଁ ସମସ୍ତ ଘରୋଇ ଓ ସରକାରୀ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା, ରବି ଫସଲ ପାଇଁ ରିହାତି ଦରରେ ପନିପରିବା, ଲଙ୍କାମରିଚ, ଚିନାବାଦାମ ଓ ମୁଗ ବିରି ଆଦି ବିହନ ଓ ଜୈବିକ ସାର ଯୋଗାଇଦେବାକୁ ଦାବି ହୋଇଛି। ଜିଲାରେ ଉପଯୁକ୍ତ ବଜାର ସୁବିଧା ନଥିବାରୁ ଚାଷୀମାନେ ଫସଲ ବିକି ନ ପାରି କ୍ଷତି ସହୁଛନ୍ତି। ତେଣୁ ପ୍ରତି ପଞ୍ଚାୟତରେ ଗୋଦାମ ଗୃହ, ଶୀତଳଭଣ୍ଡାର ଓ ମାର୍କେଟୟାର୍ଡ ପ୍ରତିଷ୍ଠା କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ବାରହା, ମାଙ୍କଡ ଆଦି ବନ୍ୟଜନ୍ତୁଙ୍କ ପାର୍ଦୁଭାବ ଯୋଗୁ ଫସଲ ନଷ୍ଟ ହେଉଛି। ଏସବୁ ବନ୍ୟଜନ୍ତୁଙ୍କୁ ପରଜୀବୀ ଭାବେ ଘୋଷଣା କରିବା ଓ ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ପାଇଁ ଆଇନ୍ ପ୍ରଣୟନ ନିମନ୍ତେ ମହାସଭା ପକ୍ଷରୁ ଦାବି ହୋଇଛି।

# ରାମଚଣ୍ଡୀଙ୍କ ପୀଠରେ ହେବ ଷୋଳପୂଜା



ଉପସ୍ଥିତ କର୍ମକର୍ତ୍ତା।

ଛତ୍ରପୁର,୨୪।୯(ସନ୍ତୋଷ ପାଢ଼ୀ)

ଛତ୍ରପୁର ଉପକଣ୍ଠସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ଚଳିତବର୍ଷ ପ୍ରଥମ ଥର ପାଇଁ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏଥିପାଇଁ ରବିବାର ମନ୍ଦିରରେ ପଣ୍ଡିତ ବାସୁଦେବ ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନବକୃଷ୍ଣ ଆଚାର୍ଯ୍ୟ, ବିଜୟ କୁମାର ତ୍ରିପାଠୀ, ମନ୍ଦିର ମୁଖ୍ୟ ଦୁର୍ଗା ପ୍ରସାଦ ପଣ୍ଡା, କମିଟିର ସେକ୍ରେଟାରୀ ରବୀନ୍ଦ୍ର ପଣ୍ଡା, ସଂଯୋଜକ କମଲ ପଣ୍ଡା, ଟ୍ରଷ୍ଟର ଚେୟାରମ୍ୟାନ ବିନୋଦ କୁମାର ପାଢ଼ୀ, ଲକ୍ଷ୍ମୀ ନୃସିଂହ ପଣ୍ଡା, କାମାକ୍ଷା ପଣ୍ଡା, ତ୍ରିପତି ବାଲାଜୀ ମିଶ୍ର, ବିଦ୍ୟାଧର ପାଣିଗ୍ରାହୀ, କାଳିଆ ରାଉଳ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ମନ୍ଦିରର ନିୟମାବଳୀକୁ ଦେଖି ଭକ୍ତମାନଙ୍କୁ କିପରି ଏହି ପର୍ବ ଦିବସରେ ସବୁ ପ୍ରକାର ସୁବିଧା ଦିଆଯିବ ସେ ନେଇ ଆଲୋଚନା ହୋଇଥିଲା। ପୁରାତନ ଶକ୍ତିପୀଠଗୁଡିକରେ ଯେଭଳି ଷୋଡ଼ଶ ଉପଚାର ପୂଜା କରାଯାଉଛି ସେପରି ମା' ରାମଚଣ୍ଡୀଙ୍କ ପୀଠରେ ୧୬ ଦିନ ପୂଜା କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଏଠାରେ ନବରାତ୍ର ପୂଜା ହେଉଥିଲା।

# 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ

ବୁଗୁଡ଼ା,୨୪।୯(କାଳୀ ଚରଣ ଦାଶ)

ଭାଜପା ପକ୍ଷରୁ ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରସିଙ୍ଗି ଗ୍ରାମପଞ୍ଚାୟତରେ ଦେଶ ପାଇଁ ବଳିଦାନ ଦେଇଥିବା ବୀର ଶହୀଦମାନଙ୍କ ପାଇଁ ସମର୍ପିତ ଅଭିଯାନ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଘୁମୁସର ସାଙ୍ଗଠନିକ ଜିଲାସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ବ୍ଲକ ସଂଯୋଜକ ହରିକୃଷ୍ଣ ସାହୁ, ନିରଞ୍ଜନ ଗୌଡ଼, ମଣ୍ଡଳ ସଭାପତି ରଘୁନାଥ ପଣ୍ଡା, ମହେଶ୍ୱର ପରିଡ଼ା, ପ୍ରସନ୍ନ ଡାକୁଆ, ରାଜେନ୍ଦ୍ର ପାତ୍ର, ହରପ୍ରସାଦ ଦାସ, ଏସ୍‌ସି ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ, ସରପଞ୍ଚ ଦିଲୀପ ପ୍ରଧାନ, ସମିତି ସଭ୍ୟ ଶ୍ରୀହର୍ଷ ପ୍ରଧାନଙ୍କ ସମେତ ବହୁ ଯୁବ କାର୍ଯ୍ୟକର୍ତ୍ତା ଯୋଗଦେଇ ଘରକୁ ଘର ଯାଇ ଅମୃତ କଳସରେ ମାଟି ସଂଗ୍ରହ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

# ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର ବିକ୍ଷୋଭ

ଫୁଲବାଣୀ, ୨୪।୯(ରାକେଶ କୁମାର ରାଉତ)

ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ତରଫରୁ ବିଭିନ୍ନ ଦାବି ପୂରଣ ନେଇ ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ ଏକ ଦାବି ସମ୍ବଳିତ ପତ୍ର ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

କିଛିଦିନ ହେବ ପାଚିକା ସହାୟିକାମାନେ ମାସିକ ଦରମା ପାଇବା ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ମଧ୍ୟ ଏହା ପାଇବାରୁ ବଞ୍ଚିତ ଅଛନ୍ତି। କେନ୍ଦ୍ର ସରକାର ୨୦୦୯ରୁ ୨୦୧୨ ଯାଏ ପାଚିକା ଓ ସେତେବେଳର ସହାୟିକାଙ୍କ ପାରିଶ୍ରମିକ, ଯେଉଁମାନେ ପୂର୍ବରୁ ୬୦୦ ଓ ୪୦୦ ପାଉଥିଲେ ସେମାନଙ୍କୁ ପାଚିକା କରି ଦରମା ୧୦୦୦ ଟଙ୍କା କରିଥିଲେ। କିନ୍ତୁ ଓଡ଼ିଶା ସରକାର ଏହା ୨୦୧୨ ଏପ୍ରିଲରୁ ଦେଇଥିଲେ। ପାଚିକାମାନଙ୍କର ଏହି ୨୮ ମାସର ବକେୟା ଟଙ୍କା ନ ମିଳିବାରୁ, ସେମାନେ ହାଇକୋର୍ଟରେ ମାମଲା କରିଥିଲେ। ପାଚିକା ୟୁନିୟନ ମାମଲା ଜିତିବା ଫଳରେ ଓଡ଼ିଶା ସରକାର ଏହାକୁ ଦେବାକୁ ରାଜି ହୋଇଥିଲେ। ମାତ୍ର ଆଜି ବି ବହୁ ପାଚିକା ଏଥିରୁ ବାଦ ପଡ଼ିଛନ୍ତି। ଆନ୍ଦୋଳନ ଚାପରେ ୨୦୧୮ ଏପ୍ରିଲରୁ ଓଡ଼ିଶା ସରକାର ପାଚିକାମାନଙ୍କ ଦରମା ୨୦୦୦କୁ ବୃଦ୍ଧି କରିବାକୁ ରାଜି ହୋଇଥିଲେ। ଏ ବାବଦରେ ସରକାର ବ୍ଲକମାନଙ୍କୁ ଚିଠି କରିଥିଲେ। କିନ୍ତୁ ସରକାର ୧୪୦୦ ଟଙ୍କା ଦେଇ ଆଉ ୬୦୦ଟଙ୍କା ବିଷୟରେ ବିଚାର କରୁ ନାହାନ୍ତି। ଏତଦ୍‌ବ୍ୟତୀତ ସ୍କୁଲ ଚାଲିଲା ବେଳେ ପାଚିକାମାନଙ୍କୁ କୌଣସି ସୁବିଧା ମିଳୁନାହିଁ।




ପାଚିକା ଓ ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

୨୮ ମାସର ବକେୟା ପାଇବାକୁ ଥିବା ପାଚିକାମାନଙ୍କ ନାମ ତାଲିକା କରି ଘୋଷଣା କରିବା, ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମୁତାବକ ୨୦୧୮ ଏପ୍ରିଲଠାରୁ ମାସିକ ୨୦୦୦ ଟଙ୍କା ପ୍ରଦାନ, ପ୍ରତି ମାସ ନିୟମିତ ଦରମା ପ୍ରଦାନ, ମଧ୍ୟାହ୍ନଭୋଜନ କାମ ବ୍ୟତୀତ ପାଚିକା ମାନଙ୍କୁ ଅନ୍ୟାନ୍ୟ କାମରେ ନିୟୋଜିତ ନ କରିବା, ପାଚିକାମାନଙ୍କୁ ବର୍ଷକୁ ଦୁଇ ହଳ ଶାଢ଼ୀ ପ୍ରଦାନ, ସ୍କୁଲ ବନ୍ଦ, ମିଶ୍ରଣ, ପିଲା ସଂଖ୍ୟା କମ୍ ପାଇଁ ବାଦ୍ ପଡ଼ିଥିବା ପାଚିକାଙ୍କୁ ପୁନଃ ନିଯୁକ୍ତି ଦେବା, ସରକାରଙ୍କ ଘୋଷିତ ୧୪,୩୭୯ ସ୍କୁଲ ବନ୍ଦ ନିଷ୍ପତ୍ତି ଅବିଳମ୍ବେ ବାତିଲ କରିବା, ୬୦ ବର୍ଷ ପରେ ପେନସନ ଲାଗୁ କରିବା, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ଦୁର୍ଘଟଣା ଜନିତ ଚିକିତ୍ସା ସହାୟତା, ବିମା, ଛୁଟି ଦେବାର ବ୍ୟବସ୍ଥା ଆଦି କରିବାକୁ ସଂଘ କର୍ମକର୍ତ୍ତା ଦାବି କରିଛନ୍ତି।





ପାରାଦୀପରେ ଓମ୍ନା ସଂଘ ଓ ଡମ୍ପର ଆସୋସିଏଶନ ପକ୍ଷରୁ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ।

# ପୂର୍ବତନ କଲେଜ ଅଧ୍ୟକ୍ଷଙ୍କ ନାଁରେ ଜମି ହଡ଼ପ ଅଭିଯୋଗ

**ଦାଣ୍ଡିସାହି ବ୍ରାହ୍ମଣୀ କଲେଜ**

■ ତଦନ୍ତ, କାର୍ଯ୍ୟାନୁଷ୍ଠାନ ଦାବି

**ପଟ୍ଟାମୁଣ୍ଡାଇ ୨୪।୯ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ବ୍ରାହ୍ମଣୀ କଲେଜ ଜମି ପୂର୍ବତନ ଅଧ୍ୟକ୍ଷ ଚକ୍ରାନ୍ତ କରି ହଡପ କରିଥିବା ନେଇ କଲେଜକୁ ଜମି ଦାନ କରିଥିବା ପରିବାର ବର୍ତ୍ତମାନର ଅଧ୍ୟକ୍ଷଙ୍କ ନିକଟରେ ଶନିବାର ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



Principal, Brahmani College, Dandisahi, Kendrapara

ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟାବିପନ୍ନ ଧୋୟାଞ୍ଚଳ ଲୋକମାନଙ୍କୁ ଉଚ୍ଚଶିକ୍ଷା ଯୋଗାଇ ଦେବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ବହୁ ସାମାଜିକ କର୍ମୀ, ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ୧୯୭୯ରେ ଦାଣ୍ଡିସାହିଠାରେ ବ୍ରାହ୍ମଣୀ କଲେଜ ପ୍ରତିଷ୍ଠା ହୋଇଥିଲା। ପରେ କଲେଜ ବିକାଶ ପାଇଁ ସରକାର ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସାହାଯ୍ୟରେ ସରକାରୀ ଅନୁଦାନ ଯୋଗାଇ ଦିଆଯାଇଥିଲା। ସରକାରଙ୍କ ପ୍ରତ୍ୟକ୍ଷ ସାହାଯ୍ୟ ଓ ସହଯୋଗରେ ଦାଣ୍ଡିସାହି ବ୍ରାହ୍ମଣୀ କଲେଜ ଜିଲାର ଏକ ଅଗ୍ରଣୀ କଲେଜର ମାନ୍ୟତା ହାସଲ କରିଚାଲିଛି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳବାସୀଙ୍କ ଭାବାବେଗ ସହିତ ଜଡ଼ିତ ବ୍ରାହ୍ମଣୀ କଲେଜ ଏବେ ବିଭିନ୍ନ ସଙ୍କଟ ଦେଇ ଗତି କରୁଛି। ଏହି କଲେଜ ସରକାରୀ ସ୍ୱୀକୃତି ପାଇବା ପାଇଁ କଲେଜ ପରିଚାଳନା କମିଟି ଦାଣ୍ଡିସାହି ଗ୍ରାମର ବିଭିନ୍ନ ବ୍ୟକ୍ତି ଜମି ଦେବା ପାଇଁ ଅନୁରୋଧ କରିଥିଲେ। କଲେଜ ସ୍ୱୀକୃତି ପାଇବା ପରେ ଜମି ଦାନ କରିଥିବା ସମସ୍ତ ଦାତାଙ୍କ ଜମି ଫେରସ୍ତ କରାଯିବ ବୋଲି ପରିଚାଳନା କମିଟି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତଦନୁଯାୟୀ ବହୁ ବ୍ୟକ୍ତି କଲେଜ ସରକାରୀ ସ୍ୱୀକୃତି ପାଇବା ପାଇଁ କଲେଜକୁ ଜମି ଦେଇଥିଲେ। କଲେଜ ସ୍ୱୀକୃତି ପାଇଲା ପରେ ସମସ୍ତ ଦାତାଙ୍କ ଜମି ଫେରାଇ ଦିଆଯାଇଛି। ଅନ୍ୟତମ ଜମିଦାତା ସ୍ୱର୍ଗତ ଧରଣୀଧର ରାଉତଙ୍କ ଜମି ଫେରସ୍ତ କରାଯାଇ ନ ଥିଲା। ସ୍ୱର୍ଗତ ରାଉତ ଦାଣ୍ଡିସାହି ବଜାର ହନୁମାନ ମନ୍ଦିର ପିଡବ୍ଲ୍ୟୁ ରାସ୍ତା ସଂଲଗ୍ନ ପେଣ୍ଡପାଳ ମୌଜା ହାଲ ପ୍ଲଟ ନଂ. ୩୭୮୯ରେ ଥିବା ୧୩୦ ଡିସିମିଲ ମଧ୍ୟରୁ ୪୦ ଡିସିମିଲ କଲେଜକୁ ଦାନ କରାଯାଇଥିବା ବେଳେ ୯୦ ଡିସିମିଲ କଲେଜର ସ୍ୱୀକୃତି ପାଇଁ ଅସ୍ଥାୟୀ ଭାବେ ପ୍ରଦାନ କରାଯାଇଥିଲା। କଲେଜ ପରିଚାଳନା କମିଟି ଅନୁରୋଧରେ କଲେଜ ସ୍ୱୀକୃତି ପାଇଁ ଅସ୍ଥାୟୀ ଭାବେ ଜମି ଦେଇଥିବା ସମସ୍ତ ଜମିଦାତାଙ୍କ ଜମି ପରିଚାଳନା କମିଟି ଫେରସ୍ତ କରିଥିବାବେଳେ ସ୍ୱର୍ଗତ ରାଉତଙ୍କ ଜମି ଫେରସ୍ତ କରାଯାଇ ନ ଥିଲା। ଏ ନେଇ ସ୍ୱର୍ଗତ ରାଉତ ତତ୍କାଳୀନ କଲେଜ ଅଧ୍ୟାପକ ଓ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ପ୍ରଭାକର ରାଉତଙ୍କୁ ତାଙ୍କ ଜମି ଫେରସ୍ତ କରିବାକୁ କହିଥିଲେ। ହେଲେ ଜମି ଫେରସ୍ତ ଆଣିବା ପାଇଁ ବର୍ଷ ବର୍ଷ ଧରି ବାରମ୍ବାର କଲେଜ ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ। ଶେଷରେ ଚରମ ଆର୍ଥିକ ଦୁରବସ୍ଥା ଓ ଜମି ନ ଫେରିବା ଚିନ୍ତାରେ ରୋଗଗ୍ରସ୍ତ ହୋଇ ରାଉତ ମୃତ୍ୟୁବରଣ କରିଥିଲେ। ଇତିମଧ୍ୟରେ କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ପ୍ରଭାକର ରାଉତ କଲେଜ ସ୍ୱୀକୃତି ପାଇଁ ଧରଣୀଧର ରାଉତ କଲେଜକୁ ଅସ୍ଥାୟୀ ଭାବେ ଦେଇଥିବା ଜମିକୁ ଚକ୍ରାନ୍ତ କରି ନିଜ ନାମରେ ପଟ୍ଟା କରି ନେଇଥିବା ସ୍ୱର୍ଗତ ଧରଣୀଧରଙ୍କ ପୁଅ ଗୁରୁ ପ୍ରସାଦ ବର୍ତ୍ତମାନର ଅଧ୍ୟକ୍ଷ ପ୍ରଫେସର ସୁବାସ ଜେନାଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅବିଳମ୍ବେ ତଦନ୍ତ କରି ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏହାର ଏକକିତା ନକଲ ରାଜ୍ୟ ସରକାର ଓ ସମସ୍ତ ସରକାରୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ତତ୍କାଳୀନ କଲେଜ ଅଧ୍ୟକ୍ଷ ପ୍ରଭାକର ରାଉତଙ୍କୁ ପଚାରିବାରେ ସେ କଲେଜ ଜମି ହଡ଼ପ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

## ଜମୁଛି ଖୁଦୁରୁକୁଣୀ ପୂଜା

### ୩ ଦିନ ଧରି ଚାଲିବ ପୂଜାର୍ଚ୍ଚନା

**ଜଗତ୍‌ସିଂହପୁର, ୨୪।୯ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଉପକଣ୍ଠ ମଧୁସୂଦନପୁର ଶାସନ ପଞ୍ଚାୟତ ଅନ୍ତର୍ଗତ କେନ୍ଦାଳ ଗ୍ରାମରେ ଜିଲାର ପ୍ରସିଦ୍ଧ ଖୁଦୁରୁକୁଣୀ ପୂଜା ଆରମ୍ଭ ହୋଇଛି। ଏହା ୩ ଦିନ ପର୍ଯ୍ୟନ୍ତ ଚାଲିବ। ଗତ ୨୩ ତାରିଖରେ କୁମାରୀମାନେ କଳସ ଶୋଭାଯାତ୍ରାରେ ଯାଇ ସେମାନଙ୍କ ପୂଜା ମଣ୍ଡପରେ ପହଞ୍ଚିଥିଲେ। ରବିବାର ଚକ୍ଷୁଦାନ, ଷୋଡ଼ଶ ଉପଚାର ପୂଜା ଓ ହୋମ ଆଦି ପରେ ରୀତିନୀତି ଅନୁଯାୟୀ ଏହା କରାଯାଇଥିଲା। ସୋମବାର ବଡ଼ପୂଜା ହେବ। ମଙ୍ଗଳବାର କାଳିକା ନୃତ୍ୟ ଅନୁଷ୍ଠିତ ହେବ। ଖୁଦୁରୁକୁଣୀ ପୂଜାରେ ଏହା ଏକ ନୂଆ ପରମ୍ପରା ବୋଲି ଜଣାଯାଏ । ବୁଧବାର ସମସ୍ତ ମେଢ ଶୋଭାଯାତ୍ରାରେ ଭସାଣି ପାଇଁ ଯିବେ । ଚଳିତବର୍ଷ ଏହି ପୂଜାରେ ୧୯ଟି ମେଢ଼ ସାମିଲ ହୋଇଛନ୍ତି। ପ୍ରତ୍ୟେକ ସାହିରେ ସୁସଜ୍ଜିତ ତୋରଣ ସାଙ୍ଗକୁ ଆଲୋକ ସଜା ନିଆରା ପରିବେଶ ସୃଷ୍ଟି କରୁଛି ଏହି ପୂଜା ଦେଖିବା ପାଇଁ ଜିଲାର ବିଭିନ୍ନ ପ୍ରାନ୍ତରୁ ଶହସ୍ରାଧିକ ଲୋକଙ୍କ ଆଗମନ ହୋଇଛି। ବେହେରା ସାହି ମେଢ଼ ପୂଜାରେ ଥାନପତି ହୋଇଥିବା ବେଳେ ହାଟ ସାହି, ବଣିଆ ସାହି, ସାହୁ ସାହି, ନୂଆ ପାଟଣା ସାହି, ନୂଆସାହି, ଠାକୁର ସାହି, ବେଜ ସାହି, ରୟତ ସାହି, କୁମ୍ଭାର ସାହି ଓ ତେଲି ସାହି ମେଢ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

## ଭାଜପାରୁ ଇସ୍ତଫା ଦେଲେ ଶତାଧିକ ଯୁବନେତା

**ଯାଜପୁର ଟାଉନ,୨୪।୯(ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):** ଯାଜପୁର ଜିଲା ଭାଜପାରୁ ଶତାଧିକ ଯୁବନେତା ଇସ୍ତଫା ଦେଇଛନ୍ତି। ରବିବାର ବିରଜା ପାନ୍ଥଶାଳାଠାରେ ଏକ ଖବରଦାତା ସମ୍ମିଳନୀ କରି ସେମାନେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଯୁବନେତା ତଥା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୌମ୍ୟରଞ୍ଜନ ଧଳଙ୍କ ନେତୃତ୍ୱରେ ଯାଜପୁର ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ହୃଷୀକେଶ ମେକାପ୍, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ମନୋରମା ମିଶ୍ର, ମାଳଆନନ୍ଦପୁର ସରପଞ୍ଚ ପ୍ରାର୍ଥୀ ଶରତ ଚନ୍ଦ୍ର ଜେନା, ସମିତିସଭ୍ୟ ପ୍ରାର୍ଥୀ କୋକିଳ ଦଳାଇ, ଅଶୋକ କୁମାର ଧଳ, ୨୯ନଂ. ଜୋନ୍ ସମ୍ପାଦକ ନାରାୟଣ ଦଳାଇ, ଶମ୍ଭୁନାଥ ଦାସ, ରଞ୍ଜନ କୁମାର ସ୍ୱାଇଁ, ରଞ୍ଜନ ପଣ୍ଡି, କାହ୍ନୁଚରଣ ନାୟକ ଓ ମାଳଆନନ୍ଦପୁର ପଞ୍ଚାୟତର ଯୁବମୋର୍ଚ୍ଚା ସଭାନେତ୍ରୀ ରୀତାରାଣୀଦେଓ ପ୍ରମୁଖ ଇସ୍ତଫା ଦେଇଛନ୍ତି। ଗୋଷ୍ଠୀ କନ୍ଦଳ ସହ ଦଳରେ କୌଣସି କାର୍ଯ୍ୟ କରିବାକୁ ସୁଯୋଗ ମିଳୁ ନ ଥିବାରୁ ସେମାନେ ଇସ୍ତଫା ପ୍ରଦାନ କରିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଭାଜପାରୁ ପ୍ରାର୍ଥୀ ହୋଇଥିବା ଗୌତମ ରାୟ କେବଳ ନିର୍ବାଚନ ସମୟରେ ଲୋକ ଓ କର୍ମୀଙ୍କ ସହ ଦେଖା ହୁଅନ୍ତି, ପରେ ସେ ଉଭାନ ହୋଇଯାଆନ୍ତି ବୋଲି ଯୁବନେତାମାନେ ପ୍ରକାଶ କରିଛନ୍ତି। ଏଥିସହିତ ଏହି ଯୁବନେତାମାନେ ବିଜେଡିରେ ମିଶିବେ ବୋଲି କହିଛନ୍ତି।

# କେନ୍ଦାଳରେ ପ୍ରସିଦ୍ଧ ଖୁଦୁରୁକୁଣୀ ପୂଜା



ବେଜସାହି



ହାଟସାହି



ନୂଆପାଟଣାସାହି



ମହାନ୍ତିସାହି



ଭୋଇସାହି



କମାରସାହି



ତେଲିସାହି



ବାରିକସାହି



ବଣିଆସାହି

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମନମୋହନ



@ ଗୋପୀନାଥ



@ ପିଙ୍କୁ



@ ସମ୍ବିତ୍



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜମିକୁ ଜଳସେଚିତ କରିପାରୁନି ଉଠାଜଳସେଚନ

ନୟାଗଡ଼,୨୪।୯(ଲୋକନାଥ ମିଶ୍ର)

ସରକାର ଗଭୀର ଉଠା ଜଳସେଚନ ପ୍ରକଳ୍ପ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଗଭୀର ଉଠା ଜଳସେଚନ ପ୍ରକଳ୍ପ ଚାଷୀଙ୍କ କେତେ କାମରେ ଆସୁଛି, ଜମିରେ ପାଣି ମାଡୁଛି କିନା ତା'ର ଠିକ୍ ସମୀକ୍ଷା ହେଉ ନ ଥିବାରୁ ଚାଷୀ ଓ ଚାଷ ବାଟବଣା ହୋଇ ଚାଲିଛି। ସରକାରୀ ରିପୋର୍ଟକୁ ଅନୁଧ୍ୟାନ କଲେ ନୟାଗଡ଼ ଜିଲାରେ ୧୩୨୩ ଗଭୀର ଉଠା ଜଳସେଚନରୁ ୪୨୮ ପ୍ରକଳ୍ପ ଅଚଳ ରହିଛି। ବେସରକାରୀ ଭାବେ ଦେଖିଲେ ୮୦୦ରୁ ଊର୍ଦ୍ଧ୍ୱ ଗଭୀର ଉଠା ଜଳସେଚନ ପ୍ରକଳ୍ପ ଅଚଳ ରହିଛି। ଜିଲାରେ ୧୩୨୩ ଗଭୀର ଉଠା ଜଳସେଚନ ପ୍ରକଳ୍ପ ରହିଛି। ସବୁଠାରୁ କମ ଗଭୀର ଉଠା ଜଳସେଚନ ପ୍ରକଳ୍ପ ଦଶପଲ୍ଲାରେ ରହିଛି। ଦଶପଲ୍ଲା ବ୍ଲକରେ ଗୋଟିଏ ପ୍ରକଳ୍ପ ଥିବାବେଳେ ଗଣିଆ ବ୍ଲକରେ ୬ଟି ପ୍ରକଳ୍ପ ରହିଛି। ସବୁଠାରୁ ଅଧିକ ପ୍ରକଳ୍ପ ରଣପୁର ବ୍ଲକରେ ୫୮୦ ଓ ପରେ ନୂଆଗାଁରେ ୨୯୦ ରହିଛି। ଅନ୍ୟପକ୍ଷେ ଭାପୁରରେ ୧୨, ଖଣ୍ଡପଡ଼ାରେ ୫୩, ନୟାଗଡ଼ରେ ୧୦୮, ଓଡ଼ଗାଁ ବ୍ଲକରେ ୨୭୩ ଗଭୀର ଉଠା ଜଳସେଚନ ପ୍ରକଳ୍ପ ରହିଛି। ୧୩୨୩ ପ୍ରକଳ୍ପରୁ ୧୨୬୫ ବିଦ୍ୟୁତ୍ ଓ ୫୮ ସୋଲାରରେ ଚାଲୁଥିବା ଉଠା ଜଳସେଚନ ଖଣ୍ଡ ନୟାଗଡ଼ ପକ୍ଷରୁ କୁହାଯାଇଛି। ୧୩୨୩ ପ୍ରକଳ୍ପକୁ ଚାଷୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ପ୍ରକଳ୍ପ ଯୋଗେ ଜିଲାର ୬୬୧୫ ହେକ୍ଟର ଚାଷ ଜମିରେ ଜଳ


ଉଠା ଜଳସେଚନ ବାଲୁଙ୍ଗା ଅଞ୍ଚଳରେ ଅଚଳ ହୋଇପଡ଼ିଛି।

ମାଡୁଛି ବୋଲି ରିପୋର୍ଟ କହୁଛି। ତେବେ ୧୩୨୩ ପ୍ରକଳ୍ପରୁ ୪୧୮ ପ୍ରକଳ୍ପ ଅଚଳ ଯୋଗୁ ୨୦୯୦ ହେକ୍ଟର ଜମିରେ ପାଣି ମାଡୁନି ବୋଲି ଅନୁରୂପ ଭାବେ ଦର୍ଶାଯାଇଛି।

### ୪୦୦ ନୂଆ ପ୍ରକଳ୍ପରୁ ଖନନରେ ୫୮ ଫେଲ୍

ଗଭୀର ନଳକୂପ ଖନନ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ଆବେଦନ କରିଥିବା ଉପଭୋକ୍ତାଙ୍କ ମଧ୍ୟରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୪୦୦ ଗଭୀର ଉଠା ଜଳସେଚନ ପ୍ରକଳ୍ପ କରି ହସ୍ତାନ୍ତର କରିବାକୁ ଆକଳନ ହୋଇଥିଲା। ତେବେ ଯୋଗ୍ୟ ବିବେଚିତ ହୋଇଥିବା ୩୯୫ ଆବେଦନକାରୀଙ୍କ ପାଇଁ ୩୯୫ ପ୍ରକଳ୍ପ ମଞ୍ଜୁର ହୋଇଛି। ଏଥିରୁ ୨୭୨ ପ୍ରକଳ୍ପ ଖନନ ଶେଷ ହୋଇଥିବାବେଳେ ୫୮ ପ୍ରକଳ୍ପ ଖନନ ବେଳେ ବିଫଳ ହୋଇଛି। ବିଫଳ ପ୍ରକଳ୍ପରୁ ପାଣି ବାହାରୁନି। ଏଣୁ ୨୧୪ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ ପାଇଁ ଟେଣ୍ଡର ହୋଇସାରିଛି।

ଏ ନେଇ ନୂଆଗାଁର ଚାଷୀ ପ୍ରଦ୍ୟୁମ୍ନ ବେହେରା କହିଛନ୍ତି, ଉଠା ଜଳସେଚନ ବିଭାଗ ପକ୍ଷରୁ ଶତାଧିକ ସଂଖ୍ୟାରେ ଗଭୀର ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ବାହାବା ନିଆଯାଉଛି। ଗଭୀର ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପରେ ଜମିରେ ପାଣି ମାଡୁଛି କି ନା ତା'ର ହିସାବ କାହା ପାଖରେ ନାହିଁ। ଅଚଳ ପ୍ରକଳ୍ପକୁ ନେଇ ଚାଷୀ ଅଭିଯୋଗ କରି କରି ଥକି ଯିବା ପରେ ଚୁପ ହୋଇ ବସି ରହିଛନ୍ତି।

■ଠିକଣା ସମୟରେ ପ୍ରକଳ୍ପ ହେଉଛି ଅଚଳ

■୧୩୨୩ରୁ ୪୧୮ ପ୍ରକଳ୍ପ ଅଚଳ

ସେପଟେ କାଗଜାତରେ କିଏ ସଚଳ ଓ କିଏ ଅଚଳ ପ୍ରକଳ୍ପ ଜାଣିବା କାଠିକର ପାଠ। ଉଠା ଜଳସେଚନ ବିଭାଗ ପକ୍ଷରୁ କିନ୍ତୁ ସବୁ କିଛି ଠିକ୍ଠାକ୍ ଦର୍ଶାଯାଇ ସରକାରୀ ଅନୁଦାନ ହଡ଼ପ ଚାଲିଛି। ଗଣିଆର ସୁଦାମ ସାହୁ, ଦଶପଲ୍ଲାର ବିଭୂତି ନାୟକ, ନୟାଗଡ଼ର ପବିତ୍ର ସ୍ୱାଇଁ କହିଛନ୍ତି, ଗଭୀର ଉଠା ଜଳସେଚନ ପ୍ରକଳ୍ପ ପ୍ରାୟ ଅଚଳ। କିନ୍ତୁ କ'ଣ କରାଯିବ ଚାଷୀ ଅଭିଯୋଗ କେହି ଶୁଣୁନାହାନ୍ତି। ଚାଷୀ ପୂର୍ବରୁ ଯେପରି ହଇରାଣ ହେଉଥିଲା ଏବେ ହାତପାହାନ୍ତାରେ ଜଳସେଚନ ସୁବିଧା ଥାଇ ମଧ୍ୟ ତା'ଠାରୁ ଅଧିକ ହଇରାଣ ହେଉଛି। ନୟାଗଡ଼ ଉଠା ଜଳସେଚନ ଖଣ୍ଡ ନିର୍ବାହୀଯନ୍ତ୍ରୀ ଦୁଃଶାସନ ଜେନା କୁହନ୍ତି, ଅଚଳ ପ୍ରକଳ୍ପକୁ ସଚଳ କରାଯାଉଛି। ପୁଣି ନୂଆ ପ୍ରକଳ୍ପ ମଧ୍ୟ କରାଯାଉଛି। ଯେତେବେଳ ଅଚଳ ପ୍ରକଳ୍ପ ବିଷୟରେ ଜାଣୁଛୁ ସେନେଇ ରିପୋର୍ଟରେ ଦର୍ଶାଉ ସଚଳ କରିବାକୁ ଉଦ୍ୟମ କରୁଛୁ। ଜିଲାରେ ୨୧୪ଟି ଗଭୀର ଉଠାଜଳସେଚନ ପ୍ରକଳ୍ପ ଖନନ ଶେଷ ପରେ ବିଦ୍ୟୁତ୍କୀରଣ ପାଇଁ ଟେଣ୍ଡର କରାଯାଇ ଜୁନ ୫ରେ କାର୍ଯ୍ୟାଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଭାଇର ମଙ୍ଗଳ ମନାସି ଭଉଣୀ କରେ ଉପବାସ


ଝିଅମାନେ ଖୁଦୁରୁକୁଣୀ ଓଷାର କୋଠି କରି ପୂଜା କରୁଛନ୍ତି।

## ଖୁଦୁରୁକୁଣୀ ଓଷା ଉଦ୍ୟାପିତ

ଖଣ୍ଡପଡା,୨୪।୯
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାର ଖଣ୍ଡପଡ଼ା ଓ କଣ୍ଟିଲୋ, ଖଳିସାହି, ମର୍ଦ୍ଧରାଜପୁର, କୋସକା, କିଆଝର, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ବାଣପୁର, ସିଧାମୂଳା, ପଥରଚକଡା, ମଙ୍ଗଳପୁର ଆଦି ଅଞ୍ଚଳରେ ଗତ ୩ ତାରିଖଠାରୁ ଆରମ୍ଭ ହୋଇଥିବା ଖୁଦୁରୁକୁଣୀ ଓଷା ରବିବାର ବିଳମ୍ବିତ ରାତି ୪ର୍ଥ ପାଳିରେ ଉଦ୍ୟାପିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ପ୍ରତ୍ୟେକ ସାହିରେ ଆଲୋକ ସାଜସଜ୍ଜା ଓ ଭାଲୁକୁଣୀ(ଖୁଦୁରୁକୁଣୀ) ମୂର୍ତ୍ତିକୁ ନେଇ ଯୁବତୀମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ରଙ୍ଗ ବେରଙ୍ଗ ଆଲୋକ ସଜ୍ଜିତ ହୋଇଥିବାର ଦେଖିବାକୁ ମିଳିଥିଲା। ଓଡିଆ ଘରର ଝିଅ ଖୁଦୁରୁକୁଣୀ ଓଷାରେ ଉପବାସ ରହି ମା'ମଙ୍ଗଳାଙ୍କୁ ସୁମରଣା କରିଥାଏ ଭାଇମାନଙ୍କ ମଙ୍ଗଳ ମନାସୀ ଥାଏ। ନାନା ମାନସିକ କରି ଝିଅଟି ଯୁବତୀ ହେବାଯାଏ ଉପବାସ କରି ଏହି ଓଷା ପାଳିଥାଏ। ମା'ମଙ୍ଗଳାଙ୍କୁ ସୁମରଣା କରି ଓଦା ପରିଧାନରେ ତୁଠରେ ବାଲୁକା ଥାପି ଗୀତ ବୋଲି ପୂଜା କରିଥିଲେ। ଶେଷ ପାଳିରେ ଓଷା କୋଠିରେ ଝିଅମାନେ ଏକାଠି ହୋଇ ଖୁଦୁରିକୁଣି ଓଷା ବହି ପଢ଼ିବା ବେଳେ ବହିର ବର୍ଣ୍ଣନା ଅନୁସାରେ ବାରମ୍ବାର ହୁଳ ହୁଳି ପକାଇ ଥିଲେ। ସନ୍ଧ୍ୟାରେ ପାରମ୍ପରିକ ବିଧି ଅନୁଯାୟୀ ଯୁବତୀମାନେ ଭୋଗ ଥାଳି ଧରି ପୂଜା ସ୍ଥଳରେ ସମବେତ ହୋଇଥିଲେ। ଖୁଦୁରୁକୁଣୀ ବହି ପଢ଼ିବା ମଧ୍ୟରେ ପୂଜା ମଣ୍ଡପ ସମ୍ମୁଖରେ ଦିହୁରୀ ଜଳାଇ ଝୁଣା ମାରିବା ଦୃଶ୍ୟ ମୁଖ୍ୟ ଆକର୍ଷଣ ଥିଲା। କିମ୍ବଦନ୍ତୀ ଅନୁଯାୟୀ, ସାଧବ ଝିଅ ତଅପୋଇ ଖୁଦୁରୁକୁଣୀ ଓଷା କରି ଭାଇମାନଙ୍କୁ ଫେରି ପାଇଥିଲେ। ସେହି ଦିନଠାରୁ ଏହି ପୂଜା ପାଳିତ ହୋଇଆସୁଛି ।

# ସଂଗ୍ରହାଳୟକୁ ତାଳପତ୍ର ପୋଥି ପ୍ରଦାନ

ନୂଆଗାଁ, ୨୪।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଦୁରା ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ସଂଗ୍ରହାଳୟକୁ ରବିବାର ଖଣ୍ଡପଡ଼ା ବ୍ଲକ ପୁଆଣିଆ ଗ୍ରାମର ଜଣେ ବ୍ୟକ୍ତି ତାଳପତ୍ର ପୋଥି ପ୍ରଦାନ କରିଛନ୍ତି। ଦୁର୍ଦ୍ଦୁରା ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଯେତିକି ଲୋକାଭିମୁଖୀ ହୋଇ ସୁନାମ ଅର୍ଜନ କରୁଛି ସଂଗ୍ରାହକ ସଞ୍ଜୟ କୁମାର ସାହୁଙ୍କୁ ସଂଗ୍ରହ କରିବାର ନିଶା ସେତିକି ଘାରୁଛି। ଲୋପ ପାଇବାକୁ ବସିଥିବା ଓ ବିରଳ ସାମଗ୍ରୀ କିଭଳି ସଂଗ୍ରହାଳୟକୁ ଆସିବ ସେ ନେଇ ଚେଷ୍ଟା ଜାରି ରଖିଛନ୍ତି। ଶ୍ରୀଜଗନ୍ନାଥ ସଂଗ୍ରହାଳୟର ପ୍ରତିଷ୍ଠାତା ହେଉଛପନ୍ତି ସାହୁ। ସଂଗ୍ରହାଳୟ ବିଷୟରେ ଜାଣିବା ପରେ ଲୋକମାନେ ମଧ୍ୟ ଅନେକ ସାମଗ୍ରୀ ପ୍ରଦାନ କରିବା ପାଇଁ ଆଗ୍ରହ ପ୍ରକାଶ କରି ସଂଗ୍ରାହକଙ୍କ ସହ ଯୋଗାଯୋଗ କରୁଛନ୍ତି। ଖଣ୍ଡପଡ଼ା ପୁଆଣିଆ ଗ୍ରାମର ଦୁର୍ଯ୍ୟୋଧନ ବରାଡଙ୍କ ଘରେ ଦୀର୍ଘବର୍ଷ ହେଲା ନୃସିଂହ ପୁରାଣ ଓ ଭାଗବତ ଗୀତା ତାଳପତ୍ର ପୋଥି ଥିଲା। ସେ ଏହାକୁ ସଂଗ୍ରହାଳୟରେ ସ୍ଥାନ ଦେବା ପାଇଁ ତାଳପତ୍ର ପୋଥିକୁ ପ୍ରଦାନ କରିଛନ୍ତି। ସଂଗ୍ରାହକ ସାହୁ ତାଳପତ୍ର ପୋଥି ସଂଗ୍ରହ କରିବାକୁ ବରାଡଙ୍କ ଘରେ ପହଞ୍ଚିବା ପରେ ପରିବାର ପକ୍ଷରୁ ପୂଜାର୍ଚ୍ଚନା କରି ପୋଥି ସବୁ ହସ୍ତାନ୍ତର କରାଯାଇଥିଲା। ତେବେ ସଂଗୃହୀତ ପୋଥିଗୁଡ଼ିକର ଗବେଷଣା ଓ ରକ୍ଷାଣା ବେକ୍ଷଣ ପାଇଁ ସଂସ୍କୃତି ଗବେଷକ ତଥା ତିରୁପତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଭାରତ ଭୂଷଣ ରଥ, ତାଳପତ୍ର ପୋଥି ଗବେଷକ ପ୍ରଫେସର ସିନିରୁଦ୍ଧ ଦାଶ, ଯୁବ କବି ତଥା ଅଧ୍ୟାପକ ଶୁଭ୍ରାଂଶୁ ବିଶ୍ୱାଳ, ପ୍ରକୃତିବନ୍ଧୁ ମାନସ ବଳବନ୍ତରାୟ ପ୍ରମୁଖ ସହଯୋଗ କରୁଥିବା ସଂଗ୍ରାହକ ସାହୁ କହିଛନ୍ତି।


ତାଳପତ୍ର ପୋଥି ଗ୍ରହଣ କରୁଛନ୍ତି ସଂଗ୍ରାହକ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମନମୋହନ


@ ଗୋପୀନାଥ


@ ପିଙ୍କୁ


@ ସମ୍ବିତ୍


@ ସୌମ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରକ୍ତଦାନ ଶିବିର, ୫୭ ୟୁନିଟ ସଂଗ୍ରହ

ଖଣ୍ଡପଡ଼ା,୨୪।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି। ଏ ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ରବିବାର କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେବା ଓ ସମର୍ପଣ ଅଭିଯାନ ମାଧ୍ୟମରେ ଦଳ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ବିଶେଷକରି ଯୁବଗୋଷ୍ଠୀଙ୍କ ମନରେ ରକ୍ତଦାନ ମାଧ୍ୟମରେ ଦେଶପ୍ରତି ସେବା ଭାବ ସୃଷ୍ଟି କରିବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପଣ୍ଡା ସୂଚନା ଦେଇଥିଲେ। ନୟାଗଡ଼ ବ୍ଲଡ ବ୍ୟାଙ୍କର ଅଭିଜ୍ଞ ଡାକ୍ତର ଓ ସହକାରୀମାନଙ୍କ ସହଯୋଗରେ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ୫୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ସମସ୍ତ ଭାଜପା କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଯୁବକମାନେ ରକ୍ତଦାନ କରୁଛନ୍ତି।

# ଭଲ ମଣିଷ ହେବା ପାଇଁ ଶିଶୁକୁ ଗଢ଼ିବାକୁ ମା'ଙ୍କୁ ପରାମର୍ଶ

## ମାତୃ ସମ୍ମିଳନୀରେ ଆସ ଆମେ ଶିଶୁଙ୍କୁ ବୁଝିବା ଆଲୋଚନାଚକ୍ର

ନୟାଗଡ଼,୨୪।୯(ଲୋକନାଥ ମିଶ୍ର)

ନୟାଗଡ଼ ସହରର ଖଣ୍ଡପଡ଼ା ରୋଡରେ ଥିବା ଏକ କଲ୍ୟାଣ ମଣ୍ଡପରେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ ପକ୍ଷରୁ ଆସ ଆମେ ଶିଶୁଙ୍କୁ ବୁଝିବା ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ୪୦୦ରୁ ଊର୍ଦ୍ଧ୍ୱ ମାଆଙ୍କୁ ନେଇ ଆସ ଆମେ ଶିଶୁଙ୍କୁ ବୁଝିବା ଶୀର୍ଷକ ଆଲୋଚନାରେ ମାତାପିତାଙ୍କ ଭୂମିକା ସ୍ଥାନ ପାଇଥିଲା। ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ, ପିଲାଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦିଅ। ମାର୍କ ପଛରେ ନ ଗୋଡାଇ ଭଲ ମଣିଷ ତିଆରି କରିବାକୁ ପ୍ରତ୍ୟେକ ମାଆବାପାମାନେ ସଜାଗ ହୁଅନ୍ତୁ। ନିଜ ନିଜ ପରିବାରରେ ପତିପତ୍ନୀ ଅର୍ଥାତ୍ ମାଆବାପାମାନେ ନିଜେ ନିଜକୁ ସଜାଡି ଶୃଙ୍ଖଳିତ ଜୀବନଯାପନ କଲେ ଆପେ ଆପେ ଶିଶୁମାନେ ଭଲ ମଣିଷ ହେବେ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ମାଆଘରର ପ୍ରତିଷ୍ଠାତା ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ ରତ୍ନପର୍ଣ୍ଣା ମହାନ୍ତି ଯୋଗଦେଇ ଆମେ ବଦଳିଲେ ଯୁଗ ବଦଳିବ ବୋଲି କହିଥିଲେ। ମାଆ ଗର୍ଭରୁ ସନ୍ତାନଟିଏ ଶିକ୍ଷା ଲାଭ କରିଥାଏ। ଏଣୁ ମାଆମାନେ ଏଥିପ୍ରତି ଯତ୍ନବାନ ହେବା ପାଇଁ ଆହ୍ୱାନ ଦେଇଥିଲେ। ମାଆମାନେ ଟିଭି ସିରିଏଲ ଦେଖିବାରୁ ସମୟ ବାହାର କରି ପିଲାମାନଙ୍କୁ ସମୟ ଦିଅନ୍ତୁ। ମୋବାଇଲ ବ୍ୟବହାରରୁ ଶିଶୁମାନଙ୍କୁ ଦୂରେଇ ରଖନ୍ତୁ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଉଭୟ ମାଆବାପା ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଶେଷପାଳି ଖୁଦୁରୁକୁଣୀ ଓଷା ହୋଇଥିବାରୁ କାର୍ଯ୍ୟକ୍ରମ ଆରମ୍ଭରେ ଗୁରୁମାଗୁରୁଜୀ ଓ ମାଆମାନେ ମିଶିକରି ମା' ମଙ୍ଗଳାଙ୍କର ପୂଜା କରିଥିଲେ। ପ୍ରିୟମ୍ବଦା ଗୁରୁମା ଧନ୍ୟବାଦ ଦେଇଥିଲେ।


ସମ୍ମିଳନୀରେ ଯୋଗ ଦେଇଥିବା ମା'ମାନେ।


ମଞ୍ଚାସୀନ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

